ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ମେ, ୨୦୨୨



## ସଂକ୍ଷେପରେ

### ହାଇୱା ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ରସୁଲପୁର,୧୮।୫(ଡି.ଏନ୍.ଏ.): କୁଆଖିଆ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଭୋଟକା ପଞ୍ଚାୟତ ବିଲିପଡା ମା'ଭାଲୁଣୁଣି ପୀଠ ନିକଟରେ ବୁଧବାର ଅପରାହ୍ଣ ସାଢେ ୪ଟା ସମୟରେ ଏକ ହାଇୱା ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ବିମ୍ବାଧର ପଣ୍ଡା(୬୫) । ତାଙ୍କ ସ୍ତ୍ରୀ ଅଞ୍ଜନା(୫୩) ଏହି ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି । ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବିମ୍ବାଧର ଓ ଅଞ୍ଜନା ସ୍କୁଟି(ନଂ.ଓଆର-୦୪ପି-୪୨୨୨)ରେ ପାଣିକୋଇଲିରୁ କୁଆଖିଆକୁ ଆସୁଥିଲେ । ଏହି ସମୟରେ ମା' ଭାଲୁଣୁଣି ପୀଠ ନିକଟରେ ଏକ ହାଇୱା (ନଂ.ଓଆର-୦୪ପି-୫୫୩୩) ତାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା । ଏଥିରେ ବିମ୍ବାଧର ଓ ଅଞ୍ଜନା ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ଖବରପାଇ କୁଆଖିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା । ହେଲେ ଡାକ୍ତର ବିମ୍ବାଧରଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ହାଇୱା ଚାଳକଙ୍କୁ ଗିରଫ କରିଛି। ୨ ଗାଡ଼ିକୁ ଜବତ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଦେବପଦ ମହାନ୍ତି କହିଛନ୍ତି।

### ଚୋରି ଘଟଣାରେ ୨ ଗିରଫ, ୧୬ ଛେଳି ଉଦ୍ଧାର

ଧର୍ମଶାଳା,୧୮।୫(ଡି.ଏନ.ଏ.): ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ଛେଳି ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ୧୬ ଛେଳି ଉଦ୍ଧାର କରାଯାଇଛି । ଏହି ଘଟଣାରେ ଜଳେଶ୍ୱରପୁର ଗ୍ରାମର ନାଲୁଆ ନାୟକଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ସୂଚନା ଅନୁଯାୟୀ ଓଡଙ୍ଗ ଗ୍ରାମର ଦିଲୀପ ମଲିକଙ୍କୁ ପୋଲିସ ଗିରଫ କରିବା ସହିତ ତାଙ୍କ ଗୁହାଳରୁ ୧୬ ଛେଳି ଉଦ୍ଧାର କରିଥିଲା। ସୂଚନାଯୋଗ୍ୟ, ନୀଳକଣ୍ଠପୁର ଗ୍ରାମର ବୀର କିଶୋର ବେହେରାଙ୍କ ଗୁହାଳରୁ ଗତ ୧୫ତାରିଖ ରାତିରେ ୪ ଛେଳି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା।

### ବାଳିକା ଉଚ୍ଚ ବିଦ୍ୟାଳୟ ରାସ୍ତା ଶୋଚନୀୟ

ବ୍ରହ୍ମବରଦା,୧୮।୫(ଡି.ଏନ.ଏ.): ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତ ଅଧୀନ ବ୍ରହ୍ମବରଦା ବାଳିକା ଉଚ୍ଚବିଦ୍ୟାଳୟଠାରୁ ପୁରୁଣା ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ୧୦୦ମିଟର ରାସ୍ତା ଅତି ଶୋଚନୀୟ ହୋଇପଡିଛି । ୪ବର୍ଷ ତଳେ ଉକ୍ତ ରାସ୍ତା କାମ କରାଯାଇଥିଲା । ହେଲେ ନିମ୍ନମାନର କାମ ଯୋଗୁ ନିର୍ମାଣ ସରିବାର ୬ମାସ ପରେ ରାସ୍ତାରୁ ଗୋଡି ବାଲି ଉଠି ଅଲଗା ହୋଇଯାଇଥିଲା । ଏବେ ସେହି ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଛି । ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଲୋକମାନେ ଆହତ ହେଉଛନ୍ତି। ଉକ୍ତ ରାସ୍ତାରେ ଛାତ୍ରୀଛାତ୍ରମାନେ ଯାତାୟତ କରୁଥିବାରୁ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ଆଗକୁ ବର୍ଷା ଆସୁଥିବାରୁ ରାସ୍ତା ମରାମତି ସହ ପାଣି ନିଷ୍କାସନର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ସହିତ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ସ୍ଥାନୀୟ ବାସିନ୍ଦା ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

# ବ୍ରାହ୍ମଣୀ ନଦୀ ବାମପାର୍ଶ୍ୱ ସୁବଳପୁରଠାରେ ଅତଡ଼ା ଖସୁଛି

## ବନ୍ୟା ଆଶଙ୍କାରେ ଲୋକେ ଭୟଭୀତ

ପଟ୍ଟାମୁଣ୍ଡାଇ ୧୮।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତ ଦାମୋଦର ପାଟଣା, ସୁବଳପୁର, ମଣିରାମପୁର ପ୍ରଭୃତି ଗ୍ରାମଗୁଡିକ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ତେବେ ବ୍ରାହ୍ମଣୀ ବନ୍ୟା ସମୟରେ ଏହି ଧୋୟାଞ୍ଚଳ ଲୋକଙ୍କ ଆଖିରୁ ନିଦ ହଜିଯାଇଥାଏ। ଯଦି ନଦୀରେ ୨୦ ଫୁଟରୁ ଅଧିକ ବନ୍ୟା ଜଳ ଆସେ ଲୋକେ ନାହିଁ ନ ଥିବା ଅସୁବିଧାରେ ରାତ୍ରି କାଟିଥାନ୍ତି। ବିଶେଷକରି ସୁବଳପୁରଠାରୁ ବିଦୁପା ପର୍ଯ୍ୟନ୍ତ ଲୋକେ ପୂର୍ବ କଥା ମନେ ପକାଇ ଆତଙ୍କିତ ହୋଇପଡନ୍ତି। ଅତୀତରେ ପ୍ରାୟ ଦେଢ କିମି ବ୍ୟାପୀ ମନେଇଘାଇ ଭାଙ୍ଗିବା ଘଟଣା ଲୋକଙ୍କ ମନରୁ ଲିଭିନାହିଁ। ମନେଇଘାଇଠାରେ ପ୍ରାୟ ୫ଥର ବନ୍ୟା ସମୟରେ ବନ୍ଧ ଭାଙ୍ଗି ଲୋକଙ୍କୁ ହୀନସ୍ଥା କରିଛି। ଆଳି ବନ୍ଧବାଡ ଡିଭିଜନ ଅଧୀନରେ ଥିବା ବ୍ରାହ୍ମଣୀ ଘେରିବନ୍ଧ ଅବସ୍ଥା ବର୍ଷାଋତୁ ପୂର୍ବରୁ ଏକାନ୍ତ ଜରୁରୀ ହୋଇପଡିଛି। ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱ ସବୁଳପୁରଠାରେ ନଦୀ କୂଳ ଅତଡା ଖାଇବା ଘଟଣା ଅଧିକ ବିପଦ ସୃଷ୍ଟି କରୁଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।


ସୁବଳପୁର ଗାଁ ନିକଟରେ ବ୍ରାହ୍ମଣୀ ନଦୀ କୂଳ ଖାଇବାରୁ ଅତଡ଼ା ଖସୁଛି।

ପୂର୍ବତନ ଜିଲାପରିଷଦ ସଭ୍ୟ ନାରଦ ବିଶ୍ୱାଳ କହିଛନ୍ତି, ବ୍ରାହ୍ମଣୀ ନଦୀର ଦକ୍ଷିଣପାର୍ଶ୍ୱ ନଦୀ ବନ୍ଧକୁ ପଥର ପ୍ୟାକିଂ କରାଯାଇ ସୁଦୃଢ କରାଯାଉଛି। କିନ୍ତୁ ବାମ ପାର୍ଶ୍ୱ ନଦୀ ବନ୍ଧରେ ଥିବା ବାଲିଖଦାନରୁ ବାଲି ଉଠାଣ ହେଉଛି। ବେଆଇନ ବାଲି ଉଠାଣ ଯୋଗୁ ନଦୀ ବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏ ସମ୍ପର୍କରେ ବାରମ୍ବାର ତହସିଲଦାରଙ୍କୁ ଅଭିଯୋଗ କରିବା ସହ ଗଣଧାରଣା ମଧ୍ୟ ଦିଆଯାଇଥିଲା। କିନ୍ତୁ କେବଳ ପ୍ରତିଶ୍ରୁତି ମିଳିଛି କୌଣସି ପଦକ୍ଷେପ ନିଆଯାଉନାହିଁ। ବନ୍ୟା ସମୟରେ ନଦୀ ବନ୍ଧ ଭାଙ୍ଗି ହଜାର ହଜାର ଲୋକଙ୍କ ଜୀବନ ଓ ଜୀବିକା ନଷ୍ଟ ହେବ। ତେଣୁ ଏଥିପାଇଁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, ଲଗାଣବର୍ଷା ହେଲେ ବ୍ରାହ୍ମଣୀ ନଦୀ ଫୁଲୁଥିବା ବେଳେ କୂଳଖାଇ ମାଟି ଅତଡା ଖସୁଛି। ପ୍ରତିବର୍ଷ ନଦୀ ଗତିପଥ ପରିବର୍ତ୍ତନ କରି ଗାଁ ଆଡ଼କୁ ମାଡି ମାଡ଼ି ଆସୁଛି। ଫଳରେ ଲୀନ ହେବାକୁ ବସିଲାଣି ଲୋକଙ୍କ ଘରଦ୍ୱାର, ଚାଷଜମି। ସୁବଳପୁର ଗାଁର ୩୦ ପରିବାରଙ୍କ ଢିଅପାଖକୁ କୂଳ ଖାଇ ମାଡି ଆସିଛି। ଅନେକଙ୍କ ଚାଷଜମି ନଦୀରେ ମିଶି ଗଲାଣି। ଅଧିକାଂଶ ଲୋକଙ୍କ ଜୀବିକା ଚାଷବାସ ହୋଇଥିଲେ ବି ନଦୀ କୂଳ ଖାଉଥିବାରୁ ଜମିକୁ ପଡ଼ିଆ ପକାଇଛନ୍ତି। କିଛି ବର୍ଷ ତଳେ ନଦୀଠୁ ୩ ଶହ ମିଟର ଦୂରରେ ଥିବାବେଳେ ୨ ବର୍ଷ ହେଲା ମାଟି ଧସି ୫୦ ମିଟରରେ ପହଞ୍ଚିଛି। ସ୍ଥାୟୀ ସମାଧାନ ନେଇ ଗାଁ ଲୋକ ପ୍ରଶାସନକୁ ଜଣାଇଥିଲେ ବି ସୁଫଳ ମିଳୁନାହିଁ ବୋଲି ସେ କହିଛନ୍ତି। ସ୍ଥାନୀୟ ଗ୍ରାମବାସୀ କହିଛନ୍ତି ଯେ, ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଲେ ବନ୍ୟା ନିରୋଧକ ବନ୍ଧ ଭିତରେ ବସବାସ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମନେଇ ଘାଇ ବନ୍ଧ ଭାଙ୍ଗି ଏଠାରେ ବ୍ୟାପକ କ୍ଷତି ଘଟାଇଥିଲା। କେନ୍ଦ୍ରୀୟ ଟିମ ପରିଦର୍ଶନରେ ଆସି ତୁରନ୍ତ ଏହାର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାର ମରାମତି ଏଯାବତ ଆରମ୍ଭ ହେଲାନାହିଁ। ଆଳି ବନ୍ଧବାଡ ଡିଭିଜନ ଅଧୀନରେ ଥିବା ବ୍ରାହ୍ମଣୀ ଘେରିବନ୍ଧ ଅବସ୍ଥା ବର୍ଷାଋତୁ ପୂର୍ବରୁ ମରାମତି ଏକାନ୍ତ ଜରୁରୀ ହୋଇଛି। ନଦୀ କୂଳ ଅତଡା ଖାଇବା ଘଟଣା ଅଧିକ ବିପଦ ସୃଷ୍ଟି କରୁଛି। ତେଣୁ ଏଥର ବନ୍ୟା ଆସିଲେ ପୁଣି ବ୍ୟାପକ ନଷ୍ଟ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଆଳି ବନ୍ଧବାଡ ଡିଭିଜନ ନିର୍ବାହୀ ଯନ୍ତ୍ରୀ ସରୋଜ ମିଶ୍ରଙ୍କୁ ପଚାରିବାରେ ଏହି ଘଟଣା ସମ୍ପର୍କରେ ଅବଗତ ଅଛି। ଏହି କାର୍ଯ୍ୟ ପାଇଁ ବ୍ୟୟବରାଦ କରାଯାଇ ଖୁବ୍‌ଶୀଘ୍ର ହାତକୁ ନିଆଯିବ ବୋଲି ସେ କହିଛନ୍ତି। ମାତ୍ର ଦାମୋଦରପାଟଣା, ମଣୀରାମପୁର, ସୁବଳପୁର ଗାଁ ଲୋକେ ନିର୍ବାହୀଯନ୍ତ୍ରୀଙ୍କ କଥାରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଆମ୍ ଆଦ୍‌ମୀ ପାର୍ଟିର ଦସ୍ତଖତ ଅଭିଯୋନ

ଜଗତ୍‌ସିଂହପୁର ଅଫିସ,୧୮।୫

ଆମ୍ ଆଦ୍‌ମୀ ପାର୍ଟି ଜଗତ୍‌ସିଂହପୁର ଶାଖା ତରଫରୁ ବିଦ୍ୟୁତ୍ ଆନ୍ଦୋଳନକୁ ନେଇ ଦସ୍ତଖତ ଅଭିଯାନ ଚାଲିଛି। ଏହି ଅବସରରେ ଜଗତ୍‌ସିଂହପୁର ପୌରାଞ୍ଚଳ ଅଧୀନ ଗାନ୍ଧି ଛକ ନିକଟରେ ପାର୍ଟିର କର୍ମକର୍ତ୍ତାମାନେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ଅଭିଯାନ ଚଳାଇଥିଲେ । ଏଥିରେ ପାର୍ଟି ଜିଲା ଆବାହକ ଅନୁପମ ସେଠୀ, ରାଜ୍ୟ ଯୁବ ସଭାପତି ସୋମନାଥ ରାଉତ, ମନୋରଞ୍ଜନ ମହାପାତ୍ର, ଦିବାକର ସ୍ୱାଇଁ, ଶେଖ ଇନସାର ଉଦ୍ଦିନ, କାହ୍ନୁ ଚରଣ ମହାପାତ୍ର ଓ ବିଶ୍ୱଜିତ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣରେ ଜିଲା ଆବାହକଙ୍କ ପୌରୋହିତ୍ୟରେ ଦସ୍ତଖତ ଅଭିଯାନ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାରେ ଦସ୍ତଖତ ଅଭିଯାନର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକ ସଂଯୋଜକମାନେ ନିଜ ନିଜ ଅଞ୍ଚଳରେ ହୋଇଥିବା କାମକୁ ଉପସ୍ଥାପନ କରିବା ସହ ସାଙ୍ଗରେ ଆଣିଥିବା ଦାବିପତ୍ର ଜମା କରିଥିଲେ। କିଛି ବ୍ଲକରେ ଅଭିଯାନର ଧୀର ଗତିର କାରଣ ସମ୍ପର୍କରେ ସମୀକ୍ଷା କରାଯାଇ ଅଭିଯାନର ବେଗକୁ ବଢ଼ାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ବୈଠକରେ ଜିଲା ଆବାହକ, ଜଗତ୍‌ସିଂହପୁର ବ୍ଲକ ସଂଯୋଜକ ଅକ୍ଷୟ କୁମାର ମହାନ୍ତି, ପୌର ସଂଯୋଜକ ଓ ପଞ୍ଚାୟତ ସଂଯୋଜକମାନେ ଉପସ୍ଥିତ ଥିଲେ।

# ୩୩ କୋଟି ଟଙ୍କାର ଚିଠା ବଜେଟ ଉପସ୍ଥାପନ


ବୈଠକରେ ଯୋଗଦେଇଥିବା ଅତିଥିମାନେ।

## ଜଗତ୍‌ସିଂହପୁର ପୌରପରିଷଦର ପ୍ରଥମ ସାଧାରଣ ଅଧିବେଶନ

ଜଗତ୍‌ସିଂହପୁର ଅଫିସ, ୧୮।୫

ଜଗତ୍‌ସିଂହପୁର ପୌର ପରିଷଦ ପ୍ରଥମ ସାଧାରଣ ଅଧିବେଶନ ବୁଧବାର ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଟ୍ୟାକ୍ସ ସଂଗ୍ରହ ଆଦି ବାବଦରେ ୩୩.୫୬ କୋଟି ଟଙ୍କାର ଚିଠା ବଜେଟ୍ ଉପସ୍ଥାପନ କରାଯାଇଥିଲା। ପରିଷଦ ନବ ନିର୍ବାଚିତ ଅଧକ୍ଷା ଅର୍ଚ୍ଚନା ସିଂହ ପୌରୋହିତ୍ୟ କରି ପରିଷଦକୁ ବିକାଶ ଦିଗରେ ଆଗେଇ ନେବାପାଇଁ ଦଳଗତ ନିର୍ବିଶେଷରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସମ୍ଭାବ୍ୟ ବଜେଟର ରୂପରେଖ ସମ୍ପର୍କରେ ସୂଚନା ଦେଲା ପରେ ହିସାବ ରକ୍ଷକ ଡ୍ରାଫ୍ଟ ବଜେଟ ଉପସ୍ଥାପନା କରିଥିଲେ। ଅଧିବେଶନରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ପୌରାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ମେନକା ବେହେରା, ମିଲି ସେଠୀ, ଜୟନ୍ତୀ ମହାଲି, ସୋନାଲି ସିଂହ, ନମିତା ସାହୁ , ସୌଭାଗ୍ୟ ଲକ୍ଷ୍ମୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ନିର୍ବାହୀ ଅଧିକାରୀ କର୍ଣ୍ଣ ନବନିର୍ବାଚିତ ଅଧକ୍ଷା, ଉପାଧକ୍ଷା ଏବଂ ପାରିଷଦମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ପୌର ଉପାଧକ୍ଷ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନାଗହଣା, ଟଙ୍କା ଲୁଟ

ତିର୍ତ୍ତୋଲ, ୧୮।୫ (ଡ଼ି.ଏନ.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତା ପାର୍ଶ୍ୱ କେନାଲ ଛକ ନିକଟରେ ଭଡ଼ାରେ ରହୁଥିବା ଜଣେ ଅଧାପକଙ୍କ ଘରୁ ବୁଧବାର ଦିବାଲୋକରେ ଲୁଟ୍ ହୋଇଛି। ଘରେ ଏକାକୀ ଥିବା ଅଧାପକଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ଦୁର୍ବୃତ୍ତମାନେ ବନ୍ଧୁକ ଲଗାଇ ତାଙ୍କ ହାତଗୋଡ଼ ବାନ୍ଧି ନଗଦ ୧୫ହଜାର ଟଙ୍କା ସହ ସୁନାଗହଣା ଲୁଟି ନେଇଛନ୍ତି। ଏନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୩୦୩/୨୨)ରୁଜୁ ହୋଇଛି। ପୋଲିସ ଫୋରେନ୍ସିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତିର୍ତ୍ତୋଲ ବ୍ଲକର ମହିଳୋ କଲେଜରେ ବିଭୂତି ଭୂଷଣ ଦାସ ଅଧାପକ ଅଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ କଲେଜକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ କାଦମ୍ବିନୀ ଘରେ ଏକା ଥିଲେ। ଏହାର ସୁଯୋଗ ନେଇ ପୂର୍ବାହ୍ନ ସମୟର ଜଣେ ଯୁବତୀ ମୁହଁରେ ଓଢ଼ଣୀ ଢାଙ୍କି ଘର କବାଟ ବାଡେଇ ଥିଲେ। କାଦମ୍ବିନୀ କବାଟ୍ ଖୋଲିବା ପରେ ସମ୍ପୃକ୍ତ ଯୁବତୀ ତାଙ୍କ ମୁହଁ ବନ୍ଦ କରିଦେଇଥିଲେ। ତାଙ୍କ ସହ ବାଇକ୍‌ରେ ଆସିଥିବା ଅନ୍ୟ ଜଣେ ଯୁବକ ହେଲମେଟ୍ ପିନ୍ଧି ଘର ଭିତରକୁ ପଶିଆସି କାଦମ୍ବିନୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଦେଇଥିଲେ। ଏଥିସହ କାଦମ୍ବିନୀଙ୍କୁ ଘରଭିତରକୁ ଠେଲି ନେଇ ହାତ, ଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଘରେ ଥିବା ଆଲମିରାରୁ ନଗଦ ଟଙ୍କା ସମେତ ୪ ସୁନା ହାର, କାନଫୁଲ, ମୁଦି, ଚୁଡ଼ି, ମଙ୍ଗଳ ସୂତ୍ର ଆଦି ନେଇ ପଳାଇଯାଇଥିଲେ। ଏ ସମ୍ପର୍କରେ ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି, ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ବ୍ୟକ୍ତିଗତ ଜଗାରେ କଂକ୍ରିଟ ରାସ୍ତା ନିର୍ମାଣ ଅଭିଯୋଗ

ପାଣିକୋଇଲି,୧୮।୫(ଡି.ଏନ୍.ଏ.)

କୋରାଇ ବ୍ଲକ ଅଧୀନ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମରେ କୃଷ୍ଣ ଚନ୍ଦ୍ର ମଳିକ ନାମକ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସେ ପାଣିକୋଇଲି ଥାନା ଓ ବିଡିଓଙ୍କୁ ଜଣାଇଛନ୍ତି। ବିନା ସୂଚନା ଫଳକରେ କେତେଜଣ ଯୁବକ କଂକ୍ରିଟ ରାସ୍ତା ନିର୍ମାଣ କରୁଛନ୍ତି। ବାରଣ ପରେ ବି ସମ୍ପୃକ୍ତ ଯୁବକମାନେ ତାଙ୍କ ବ୍ୟକ୍ତିଗତ ଘରୋଇ ଜାଗାରେ ରାସ୍ତା କାମ କରୁଛନ୍ତି। ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ଯୁବକମାନେ ଜେସିବିରେ ତାଙ୍କ ଘର କାନ୍ଥ ତାଡି ଦେଇଛନ୍ତି ବୋଲି ସେ ଦର୍ଶାଇଛନ୍ତି।

# ମୁଖ୍ୟ ରାସ୍ତା ପାର୍ଶ୍ୱରେ ମୁକୁଳା ଟ୍ରାନ୍ସଫର୍ମର

■ ବିଦ୍ୟୁତ୍ ବିଭାଗର ନିଘା ନାହିଁ
■ ବିପଦରେ ଜନଜୀବନ

ନାଉଗାଁ,୧୮।୫(ସ୍ୱ,ପ୍ର)

ବିଦ୍ୟୁତ୍ ସେବା ଯୋଗାଉଥିବା କମ୍ପାନୀ ଏହାର ସରଞ୍ଜାମଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେଉ ନ ଥିବାରୁ ବହୁ ସମୟରେ ଧନଜୀବନ ହାନି ଘଟୁଛି। ନାଉଗାଁ ବ୍ଲକର ଅନେକ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରାସ୍ତା ପାର୍ଶ୍ୱରେ ମୁକୁଳା ରହିଛି। ଏହାର ଉଦାହରଣ ତିରୁଣା-ଗଙ୍ଗଦାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ପାଇକସାହି ପାର୍ଶ୍ୱରେ ଦେଖିବାକୁ ମିଳିଛି। ଏଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ତାର ବାଡ଼ ଲଗାଯାଇନାହିଁ। ଏହା ଜନବସତି ନିକଟରେ ଥିବାରୁ ବିପଦ ଆଶଙ୍କା ରହିଛି। ବହୁ ସମୟରେ ଏହି ରାସ୍ତା ଦେଇ ଶହ ଶହ ଲୋକଙ୍କ ସମେତ ଗୃହପାଳିତ ପ୍ରାଣୀ ଯାତାୟାତ କରନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ସରକାରୀ ନିୟମର ଉଲ୍ଲଂଘନ କରାଯାଉଥିବା ଅଭିଯୋଗ କରି ତୁରନ୍ତ ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱକୁ ଆବଦ୍ଧ କରିବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଛି।

ଏ ସମ୍ପର୍କରେ ବିଦ୍ୟୁତ୍ ସେବା ପ୍ରଦାନ କରୁଥିବା ଟାଟା ପାୱାରର ଲିଡ୍ ମ୍ୟାନେଜର ଦୀପକ ଭୂଇଁ କହିଛନ୍ତି, ସେ ଏବିଷୟରେ ଅବଗତ ନ ଥିଲେ। ଖୁବ୍‌ଶୀଘ୍ର ଏହାକୁ ଆବଦ୍ଧ କରିବା ପାଇଁ ବ୍ୟବସ୍ଥା କରାଯିବ।


ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର

# '୧୦୦ ବର୍ଷର ସଂସ୍କୃତି ଉଜ୍ଜୀବିତ କରି ରଖିଛି'



## ଅଟଳ ବଳଦେବଜୀଉଙ୍କ ଚନ୍ଦନଯାତ୍ରା

ଜଗତ୍‌ସିଂହପୁର ଅଫିସ,୧୮।୫

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ପଳାଶୋଳସ୍ଥିତ ଅଟଳ ବଳଦେବଜୀଉଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି। ଏହି ଚନ୍ଦନ ଯାତ୍ରା ୨୧ ଦିନ ବ୍ୟାପୀ ଚାଲିବ। ଏହା ଦେଖିବା ପାଇଁ ନିକଟବର୍ତ୍ତୀ ଗ୍ରାମ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଲୋକଙ୍କ ସମାଗମ ହେଉଛି। ବୁଧବାର ମିନା ବଜାର ଉଦ୍‌ଘାଟିତ ହୋଇଛି। ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅପେରା ଅନୁଷ୍ଠିତ ହେବ। ୨୨ ତାରିଖରେ କଳାକାର, ସାହିତ୍ୟିକ, ସଙ୍ଗୀତକାର, ଖବରଦାତା ଓ ସାମାଜିକକର୍ମୀଙ୍କୁ ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ୧୦୦ ବର୍ଷର ଏହି ପରମ୍ପରା ଗ୍ରାମୀଣ ସଂସ୍କୃତିକୁ ଋଦ୍ଧିମନ୍ତ କରୁଥିବା ଗ୍ରାମର ପୁରୁଖା ଲୋକମାନେ ମତ ଦିଅନ୍ତି । ଏଠାରେ ଜଗନ୍ନାଥ, ବଳଭଦ୍ର, ରେବତୀ ଓ ଲକ୍ଷ୍ମୀ ପୂଜା ପାଉଛନ୍ତି।

# 'ସେବା କ୍ଷେତ୍ରରେ ଅବସର ଓ ଦାୟିତ୍ୱ ଗ୍ରହଣ ଏକ ମାଧ୍ୟମ'

ରଘୁନାଥପୁର,୧୮।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ କଲେଜର ଅବସରପ୍ରାପ୍ତ ଅଧକ୍ଷ ଦିଲୀପ କୁମାର ମହାନ୍ତି ଓ ଦାୟିତ୍ୱ ଗ୍ରହଣ କରିଥିବା ନୂତନ ଅଧକ୍ଷ ଦୟାନିଧି ରାଉତରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଜୁନିୟର କଲେଜ ଅଧକ୍ଷ ସୁକାନ୍ତ କୁମାର ମହାନ୍ତି ଅଧକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ଡ଼. ସୁଧାକର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ରୂପକ ସେବାରେ ଅବସର ଓ ଦାଇତ୍ୱ ଗ୍ରହଣ ଏକ ମାଧ୍ୟମ ବୋଲି ମତ ଦେଇଥିଲେ। ଗୁଆଳିପୁର ସରପଞ୍ଚ ମନୋଜୀନୀ ସାହୁ ସମ୍ମାନିତ ଅତିଥି ଓ ଅନ୍ୟତମ ଅତିଥିଭାବେ ସାମାଜିକ କର୍ମୀ ଅମ୍ବିକା ପ୍ରସାଦ ଦାସ ଓ ସରିତ ମହାପାତ୍ର, ଅଧାପକ ରମେଶ ଚନ୍ଦ୍ର ସାହୁ, ଡ. ଦୀପ୍ତିମୟୀ ଜେନା, ଭଗବାନ ଦାସ, ସୁମନ୍ତ କୁମାର ଦାସ, ଅଭୟ କୁମାର ମହାରଣା, କୁମୁଦିନି ଦ୍ୱିବେଦୀ ଓ ପୁଷ୍ପଲତା ଦାସ ପ୍ରମୁଖ ଯୋଗଦେଇଥିଲେ।

# ପ୍ରଥମ ଦିନରେ ଭାଇଜାଗ୍, ବମ୍ବେ, ପାରାଦୀପ ବିଜୟୀ

## ବୃହତ୍ ବନ୍ଦର କ୍ରିକେଟ ଟୁର୍ନାମେଣ୍ଟ

ପାରାଦୀପ,୧୮।୫(ସ୍ୱ.ପ୍ର.)

ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ବୁଧବାର ୪୦ତମ ଅଖିଳ ଭାରତୀୟ ବୃହତ୍‌ବନ୍ଦର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ଦେଶର ୯ଟି ବନ୍ଦର ଭାଗ ନେଇଛନ୍ତି। ଏହି ଟୁର୍ନାମେଣ୍ଟକୁ ବନ୍ଦର ଉପାଧକ୍ଷ ଏ.କେ. ବୋଷ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୩ ଟି ମ୍ୟାଚ ହୋଇଛି। ପ୍ରଥମ ମ୍ୟାଚ ମାଙ୍ଗାଲୋର ଓ ଭାଇଜାଗ୍ ମଧ୍ୟରେ ଖେଳାଯାଇଛି। ମାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ୧୪୮ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାଇଜାଗ ୧୭ ଓଭରରେ ମାତ୍ର ୨ ଉଇକେଟ୍ ହରାଇ ୧୪୯ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କଲିକତା ଓ ବମ୍ବେ ମଧ୍ୟରେ ହୋଇଥିଲା। କଲିକତା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୧୩୮ ରନ କରିଥିଲା। ଜବାବରେ ବମ୍ବେ ୧୭.୫ ଓଭରରେ ୫ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପାରାଦୀପ ଓ ଟୁଟିକୋରିନ ମଧ୍ୟରେ ଖେଳାଯାଇଥିଲା। ପାରାଦୀପ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୧୯୨ ରନ କରିଥିଲା। ଜବାବ୍‌ରେ ଟୁଟିକୋରିନ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୫୫ ରନ କରି ପରାଜିତ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ ଗୋପବନ୍ଧୁ କ୍ରୀଡା ସଂସଦ ଓ ସର୍ବଭାରତୀୟ ବୃହତ୍ ବନ୍ଦର ସ୍ପୋର୍ଟସ କାଉନସିଲ ଆୟୋଜନ କରିଛନ୍ତି। ସଂସଦର ସଭାପତି ଡା. ଦୁର୍ଗାପ୍ରସାଦ ସେଠୀ, ସମ୍ପାଦକ ରଶ୍ମିରଞ୍ଜନ ବେଉରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟରେ ଭାଗନେଇଥିବା ଖେଳାଳିମାନେ।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାଙ୍କ ଧାରଣା

## ପଞ୍ଚାୟତ ସମିତି ବୈଠକକୁ ବାରଣର ପ୍ରତିବାଦ

ତିର୍ତ୍ତୋଲ, ୧୮।୫ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସଭା ଗୃହ ପରିସରରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ଗୃହ ମଧ୍ୟକୁ ବିଡିଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୂରାଇ ଦେଇ ନ ଥିଲେ ।। ପ୍ରତିବାଦରେ ସେମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବୈଠକ ସରିବା ପରେ ବିଡିଓ ଅଟଳ ବିହାରୀ ସ୍ୱାଇଁ ଆସି ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ବିଡିଓ ସ୍ୱାଇଁ କହିଛନ୍ତି, ଭୁଲ୍ ବୁଝାମଣା ଯୋଗୁ ଏପରି ହୋଇଛି।


ଧାରଣା ବସିଥିବା ଖବରଦାତାମାନେ।

ଅପରପକ୍ଷେ ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଏମପି ଡାକ୍ତର ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜିଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାଶ, ବ୍ଲକ ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲା ପରିଷଦ ସଭ୍ୟ ରଞ୍ଜିତା ସିଂ, ସୁନୀଲ ବେହେରା, ଗଙ୍ଗାଧର ବିଶ୍ୱାଳ, ଏବିଡିଓ ସତ୍ୟଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

**ସଂକ୍ଷେପରେ**

## ଜଳିଗଲା ୨ ପୁରୁଣା ଆମ୍ବୁଲାନ୍ସ



**କେନ୍ଦ୍ରାପଡ଼ା ଅଫିସ, ୧୮।୫:** କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ୨ଟି ପୁରୁଣା ଆମ୍ବୁଲାନ୍ସ ବୁଧବାର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ମଧ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଏହି ଦୁଇ ଆମ୍ବୁଲାନ୍ସରୁ ପ୍ରବଳ ଧୂଆଁ ବାହାରିବା ସହ ନିଆଁ ଲାଗିଥିଲା। ଏହାକୁ ଦେଖି ସ୍ଥାନୀୟ ଅଗ୍ନିଶମ ବାହିନୀକୁ ନିଆଁ ଲିଭାଇବା ପାଇଁ ଖବର ଦିଆଯାଇଥିଲା। ସବୁଠାରୁ ଉଦ୍‌ବେଗର ବିଷୟ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଦୁର୍ଘଟଣା ହୋଇଥିଲେ ମଧ ଅଗ୍ନି ନିର୍ବାପନ ବ୍ୟବସ୍ଥା କିଛି ନ ଥିବା ଜଣାପଡିଛି। ପ୍ରତ୍ୟେକ କୋଠାରେ ଟ୍ୟାପ୍‌ରୁ ପାଣି ନେଇ ଲିଭାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ସି-ଶୋର କମ୍ପାନୀ ପ୍ରଦତ୍ତ ଏହି ୨ ଆମ୍ବୁଲାନ୍ସ ବହୁଦିନ ପୂର୍ବରୁ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ପୁରୁଣା ଆମ୍ବୁଲାନ୍ସକୁ ଚିକିତ୍ସାଳୟର କଲୋନୀ ପଛପଟେ ରଖାଯାଇଥିଲା। କେଉଁ କାରଣ ଯୋଗୁ ଏଥିରେ ନିଆଁ ଲାଗିଲା, ଏହାର ତଦନ୍ତ ହେବ ବୋଲି ସେ କହିଛନ୍ତି।

## ‘ଗୌରହରି ଏକାଧାରରେ କବି, ସଂଗଠକ, ଗାଳ୍ପିକ ଥିଲେ’

**ପାରାଦୀପ/କୁଜଙ୍ଗ, ୧୮।୫(ସ୍ୱ.ପ୍ର.) :** ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଚୂନବେଲାରୀରେ ବୁଧବାର ସାରସ୍ୱତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଦିବଂଗତ କବି ତଥା ଭାରତୀୟ ଦୂରସଂଚାର ନିଗମ ଏସ୍‌ଡିଓ ଗୌରହରି ସାହୁଙ୍କ ଉଦ୍ଦେଶ୍ୟରେ ଏହାକୁ ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରଦୀପଗଡ ସରପଞ୍ଚ ସସ୍ମିତା ବେହେରା, ବିପିନବିହାରୀ ସାମନ୍ତରାୟ, ରମେଶ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ, ସ୍ୱର୍ଗତ ସାହୁ ଏକାଧାରରେ ଜଣେ କବି, ସଂଗଠକ ଓ ଗାଳ୍ପିକ ଥିଲେ। ଶିକ୍ଷାବିତ୍ ସୁବାସ ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୨୦-୨୧ ବର୍ଷରେ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭବାନୀ ପ୍ରସାଦ ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ୫୦ରୁ ଉର୍ଦ୍ଧ୍ୱ କବିୟିତ୍ରୀ କବିଙ୍କୁ ନେଇ କବିତା ପାଠ ହୋଇଥିଲା।

# ଡିପିଆର୍ ଅନୁଯାୟୀ ବାକି ରହିଲା ବହୁ ଗ୍ରାମ

- ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ ଲୋକାର୍ପିତ
- ୪ ହଜାର ହେକ୍ଟରକୁ ମିଳିବନି ପାଣି
- ଶାଖା କେନାଲ ଖୋଲାକୁ ନେଇ ଆଶଙ୍କା ସୃଷ୍ଟି

**କେନ୍ଦ୍ରାପଡ଼ା ଅଫିସ/ପାଟକୁରା, ୧୮।୫ (ଡି.ଏନ.ଏ.)**

ବହୁ ପ୍ରତୀକ୍ଷିତ ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ କଳାବୁଦାଠାରେ ବୁଧବାର ଲୋକାର୍ପିତ ହୋଇଛି। ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଏହାକୁ ଉଦ୍‌ଘାଟନ କରିଛନ୍ତି। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଦାସ କହିଛନ୍ତି, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ଏହି ଉପଯୋଗୀ ପ୍ରକଳ୍ପ ୨୦୦୪ରୁ ଆରମ୍ଭ ହୋଇଥିଲା। ମୋଟ ୧୫,୩୪୨ ହେକ୍ଟର ଚାଷଜମିକୁ ପାଣି ଯୋଗାଇବା ପାଇଁ ଏହି ପ୍ରକଳ୍ପ ସ୍ଥିର ହୋଇଥିବା ବେଳେ ଏଥିମଧ୍ୟରୁ ପୂର୍ବରୁ ୮,୯୩୭ ହେକ୍ଟରକୁ ପାଣି କେନାଲ ମାଧ୍ୟମରେ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୃଷକଙ୍କୁ ସମୃଦ୍ଧ ପାଇଁ ଥିବା ଦୃଢ଼ସଙ୍କଳ୍ପ ଯୋଗୁ ଏହି ପ୍ରକଳ୍ପ ଏବେ ପୂର୍ଣ୍ଣାଙ୍ଗ ହୋଇଛି। ଚଳିତ ବର୍ଷଠାରୁ ଗରଦପୁର ଓ ମାର୍ଶାଘାଇ ବ୍ଲକର ୬,୪୦୪ ହେକ୍ଟର ଅଞ୍ଚଳକୁ ଖରିଫ ଓ ରବି ଫସଲ ପାଇଁ ପାଣି ମିଳିପାରିବ। ଏଥିରେ ଜିଲାପାଳ ଅମୃତ ଋତୁରାଜ ଯୋଗଦେଇ କହିଥିଲେ, ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ପାଇଥିବାରୁ ଦ୍ୱୀପାଞ୍ଚଳର କୃଷକମାନେ ଖରିଫ ସହ ଅର୍ଥକରୀ ଫସଲ ଉତ୍ପନ୍ନ କରିପାରିବେ।




ସଭାରେ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

ଏହାଦ୍ୱାରା ଜିଲାର ଆର୍ଥିକ ବିକାଶ ହେବ। ଏଥିରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ମହାନଦୀ ଅବବାହିକାର ମୁଖ୍ୟଯନ୍ତ୍ରୀ ଭକ୍ତିରଞ୍ଜନ ମହାନ୍ତି, ଡ୍ରେନେଜ୍ ବିଭାଗ ମୁଖ୍ୟଯନ୍ତ୍ରୀ ବାଳେଶ୍ୱରନାଥ ସାହୁ ଯୋଗଦେଇଥିଲେ। ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଥିବା ଜିଲା ଜନ ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ କହିଛନ୍ତି, ପ୍ରକଳ୍ପ ପାଇଁ ପ୍ରାରମ୍ଭରେ ଥିବା ଡିପିଆର (ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ) କାର୍ଯ୍ୟକାରୀ ହୋଇନାହିଁ। ଫଳରେ ପ୍ରକଳ୍ପ ଅନ୍ତର୍ଗତ ବହୁ ଗ୍ରାମର କୃଷକ ଏଥିରୁ ଲାଭ ପାଇବେ ନାହିଁ।

ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ, କର୍ମକର୍ତ୍ତା ରଞ୍ଜନ ମହାନ୍ତି, ସରୋଜ କୁମାର ମହାନ୍ତି, ବଟକୃଷ୍ଣ ସେଠୀ ପ୍ରମୁଖ କହିଛନ୍ତି, ଅବିଭକ୍ତ କଟକ ଜିଲାର ତିର୍ତ୍ତୋଲ, ନିଶ୍ଚିନ୍ତକୋଇଲି, ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ପ୍ରାୟ ୧୯,୫୪୨ ହେକ୍ଟର ଚାଷଜମିକୁ ବର୍ଷସାରା ଜଳଯୋଗାଣ ପାଇଁ ୮୦ ଦଶକରେ ଡିପିଆର ହୋଇଥିଲା । ତତ୍କାଳୀନ ପାଟକୁରା ବିଧାୟକ ବିଜୟ କୁମାର ମହାପାତ୍ରଙ୍କ ଅଧୀନରେ ଏହି ଡିପିଆର ପ୍ରସ୍ତୁତ ହୋଇଥିଲା। ତେବେ ୧୯୮୮ରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ମାତ୍ର ଅର୍ଥ ଅଭାବରୁ ତାହା ବନ୍ଦ ହେଲା। ୧୯୯୦ରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଉଦ୍ୟମରେ ୱାର୍ଲ୍ଡ ବ୍ୟାଙ୍କ ସହାୟତାରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପୁଣି ବନ୍ଦ ହେଲା। ଏହି ବନ୍ଦ ପ୍ରକଳ୍ପକୁ ପୁନର୍ବାର ଚାଲୁ ରଖିବା ପାଇଁ ଜନ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବଡ଼ଧରଣର ଆନ୍ଦୋଳନ କରାଯିବା ସହ ୨୦୧୨ ମସିହାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଇ ମନ୍ତ୍ରୀ ଦାସ ଏହାକୁ ଲୋକାର୍ପିତ କରିଛନ୍ତି। ତେବେ ଚିତ୍ରୋତ୍ପଳାର ଦକ୍ଷିଣ ପାର୍ଶ୍ୱରୁ ଆସିଥିବା ମୁଖ୍ୟ କେନାଲ ନଈଦିପୁର ନିକଟରେ ଅଟକିଛି। ମୂଳ ଡିପିଆର୍‌ରେ ଏହି କେନାଲ ଆଗକୁ ବଢ଼ିବା ସହ ଗରଦପୁର, ପାଖଡ଼, ପାଟକୁରା, ବେଡାରୀ, ତାଳସଙ୍ଗା ଓ ଗରଜଙ୍ଗା ଯାଏ ପରିବ୍ୟାପ୍ତ ହେବା କଥା। ସେହିପରି ପାଇକା ନଦୀର ବାମପାର୍ଶ୍ୱରେ ଥିବା ମୁଖ୍ୟ କେନାଲ ବଟିରା ନିକଟରେ ଅଟକିଛି। ଏହା ତିଖିରୀ, ଅମେଇପାଳ, ପାର୍ଟଳିପଙ୍କ, ଟକରପଙ୍ଗା ଓ ଯଦୁପୁର ଯାଏ ଯିବା କଥା। ପ୍ରକଳ୍ପ ଲୋକାର୍ପିତ ପରେ ଏହାର ଆବଶ୍ୟକ ଶାଖା କେନାଲ ଖୋଳାହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଫଳରେ ମୂଳ ଡିପିଆର୍‌ରୁ ପ୍ରାୟ ୪ ହଜାର ହେକ୍ଟର ଅଞ୍ଚଳ ଖରିଫ ସମୟରେ ପାଣି ପାଇବାରୁ ବଞ୍ଚିତ ହେବ ବୋଲି ସେମାନେ ଆଶା କରି କ୍ଷୋଭ ପ୍ରକାଶ କରିଛନ୍ତି।

## ବିଜ୍ଞାନମେଳାରେ ୪୮ ପ୍ରକଳ୍ପ ପ୍ରଦର୍ଶନ

**୧୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ**

**ରାଜନଗର, ୧୮।୫ (ଡି.ଏନ.ଏ.)**

ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ରାଜନଗର ବ୍ଲକର ବିଭିନ୍ନ ବିଦ୍ୟାଳୟର ୪୮ଜଣ କୁନି ବୈଜ୍ଞାନିକ ଅଂଶଗ୍ରହଣକରି ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ପ୍ରକଳ୍ପଗୁଡିକ ମଧ୍ୟରୁ ସିନିୟର ବିଭାଗରୁ ୫ ଏବଂ ଜୁନିୟର ବିଭାଗରୁ ୫ ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶନ ପାଇଁ ମନୋନୀତ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ମୁଖ୍ୟବକ୍ତା ଭାବେ ରାଜନଗର ବିଡିଓ ରବିନ୍ଦ୍ର କୁମାର ପ୍ରଧାନ, ଏବଂ ସମ୍ମାନୀତ ଅତିଥି ରାଜନଗର ସରପଞ୍ଚ ସୁଶ୍ରୀସଙ୍ଗୀତା ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁଧାଂଶୁବାଳା ଦାସ, ଏବିଇଓ ଅଜିତ କୁମାର ବାରିକ, କଳ୍ପନା ଦେଇ, ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବ ବିଇଓ ମନୋରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ମୁଖ୍ୟବକ୍ତା ରାଜନଗର ବ୍ଲକ ବିଜ୍ଞାନ ପରିଦର୍ଶକ ବିଷ୍ଣୁ ଚରଣ ରାଉତ ଏବଂ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସମିତି ସଭ୍ୟା ସୁମିତ୍ରା ସେଠୀ, ସିଆରସିସି ମଧୁସୂଦନ ସାହୁ ପ୍ରମୁଖଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ।

## ଓଜନ ଉତ୍ସବ କାର୍ଯ୍ୟକ୍ରମ

**କୁଜଙ୍ଗ, ୧୮।୫ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ଅଧୀନ ୮ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଜଳଧରପୁରସ୍ଥିତ ଖେଳପଡିଆଠାରେ ଓଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଓଜନ ଓ ଉଚ୍ଚତା ପରୀକ୍ଷା କରାଯାଇଥିଲା। ଏଥିରେ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଶିଶୁ ସାମିଲ ହୋଇଥିଲେ। ଏନେଇ ଆୟୋଜିତ ଉତ୍ସବରେ ଅତିଥିଭାବେ କୁଜଙ୍ଗ ସମନ୍ୱିତ ଶିଶୁ ବିକାଶ ଯୋଜନାର ଫତେପୁର ମଣ୍ଡଳ ପରିଦର୍ଶିକା ବିଷ୍ଣୁପ୍ରିୟା ସେଠୀ, ପଞ୍ଚାୟତ ସରପଞ୍ଚ ସିଦ୍ଧାର୍ଥପ୍ରସାଦ ପ୍ରଧାନ, ସମିତିସଭ୍ୟା ଅମିତା ସ୍ୱାଇଁ, ଏଏନ୍‌ଏମ୍ ସ୍ୱପ୍ନାରାଣୀ ରାଉତ, ମା’ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଓଜନ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉତ୍ସବକୁ ଅଙ୍ଗନୱାଡି କର୍ମୀ ନିତମ୍ବିନୀ ସାମନ୍ତରାୟ ସଞ୍ଚାଳନ କରିଥିବାବେଳେ ରତ୍ନାବତୀ ଦାସ, ଆରତୀ ଓଝା, ଭାରତୀ ବେହେରା, ସ୍ନେହମୟୀ ମହାପାତ୍ର, ସୁଲୋଚନା ମହାରଣା, କାଞ୍ଚନବାଳା ରାଉତ ଓ ପୁଷ୍ପଲତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ ରତ୍ନାବତୀ ଦାସ ଧନ୍ୟବାଦ ଦେଇଥିଲେ।

## ମିଶନ ଶକ୍ତି ପକ୍ଷରୁ ୯୨ ଏସ୍‌ଏଚ୍‌ଜି କାର୍ଯ୍ୟାଦେଶ ପ୍ରଦାନ

**ରାଜନଗର, ୧୮।୫ (ଡି.ଏନ.ଏ.)**

ରାଜନଗର ବ୍ଲକ ମିଶନ ଶକ୍ତି ପକ୍ଷରୁ ବ୍ଲକର ବିଭିନ୍ନ ବିଭାଗୀୟ ସହ ଭାଗିତା ଭିତିରେ ୯୨ଟି ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚଜି)କୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବୁଧବାର ରାଜନଗର ବ୍ଲକ ସଭା ଗୃହରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଏସ୍‌ଏଚଜିର ସଦସ୍ୟାମାନଙ୍କୁ ଏହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ମିଶନ ଶକ୍ତି ମାଧ୍ୟମରେ ଗ୍ରାମୀଣ ମହିଳାମାନଙ୍କର ସାମଗ୍ରୀକ ବିକାଶ ପାଇଁ ନିଆଯାଉଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, କେନ୍ଦ୍ରାପଡା ଜିଲାପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ୩୦ ନଂ. ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ୩୨ନଂ. ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସିଡିପିଓ ଆର. ବେଗମ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ରାଜନଗର ବ୍ଲକ ବିପିଏମ୍ ରଶ୍ମୀରଞ୍ଜନ ଦାଶ, ମିଶନ ଶକ୍ତି ରାଜନଗର ବ୍ଲକ ବିପିସି ସାଗରିକା ମଲ୍ଲିକ ପରିଚାଳନା କରିଥିଲେ।



କାର୍ଯ୍ୟାଦେଶ ବଣ୍ଟନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ କାମ ଯୋଗାଅ



ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ**

**ମହାକାଳପଡ଼ା, ୧୮।୫ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମୃତ ଋତୁରାଜ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳର ହିତାଧିକାରୀମାନେ ଯେପରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇପାରିବେ ସେନେଇ ଉପସ୍ଥିତ ଜନପ୍ରତିନିଧିମାନଙ୍କୁ ସଚେତନ କରାଯାଇଥିଲା। ବିଶେଷକରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକ୍ରମ କରାଯାଉଛି। ଏହି ଯୋଜନାରେ ପ୍ରତି ଗ୍ରାମର କୁଶଳୀ, ଅଣକୁଶଳୀ ଶ୍ରମିକମାନଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇଦେବାକୁ ନିୟମ ରହିଛି। ନୂତନ ଯୋଜନା ଅନୁସାରେ, ଶ୍ରମିକମାନଙ୍କର ୧୦ଟି ପ୍ରମୁଖ ଅଧିକାର ରହିଛି। ସେଥିମଧ୍ୟରେ ଜବ୍‌କାର୍ଡ ପାଇବା, କାମ ଦାବିକରି ୧୫ ଦିନ ମଧ୍ୟରେ କାମ ନଚେତ ଭତ୍ତା ପ୍ରଦାନ, ୫ କିମି ମଧ୍ୟରେ କାମ ପାଇବା ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସେହିପରି ପ୍ରତି ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ମା’ମାନଙ୍କ ପାଇଁ ସ୍ୱତନ୍ତ୍ର ବସିବାର ବ୍ୟବସ୍ଥା, ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ଆଧୁନିକୀକରଣ ହେବା ସହ ଗଳ୍ପ, ସଙ୍ଗୀତ, କାର୍ଟୁନ୍ ଚିତ୍ର, ସୁଷମ ଖାଦ୍ୟ ଯୋଗାଣ, ସୋଲାର ଲାଇଟ୍, ଆକ୍ୱାଗାର୍ଡ, ରୋଷେଇ ଗୃହ, ଫ୍ୟାନ୍ ବ୍ୟବସ୍ଥା ସମେତ ବିଦ୍ୟାଳୟଗୁଡ଼ିକ ଡିଜିଟାଲ କ୍ଲାସ୍‌ରୁମ୍, ସ୍ମାର୍ଟ ଡାଇନିଂ ରୁମ୍, ସ୍ମାର୍ଟ ଶୌଚାଳୟ, ସ୍ମାର୍ଟ ଆଦର୍ଶ ପୋଖରୀ, କଲ୍ୟାଣମଣ୍ଡପ, ସ୍ମାର୍ଟ ପାର୍କ ଆଦି ଗ୍ରାମଗୁଡିକରେ ନିର୍ମାଣ ହୋଇପାରିବେ। ବୈଠକରେ ପିଡି ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବିଡିଓ ଦେବାଶିଷ ରାଉତ, ସହକାରୀ ଯନ୍ତ୍ରୀ ସ୍ମୃତିରେଖା ଖଟୁଆ, ସିଡିପିଓ କବିତା ମଲିକ, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ଜେନା, ବିଭୂତି ଭୂଷଣ ବେହେରା, ମୁକ୍ତିକାନ୍ତ ସାହୁ, ସରପଞ୍ଚମାନଙ୍କ ମଧ୍ୟରେ ଅରବିନ୍ଦ ଜେନା, ରତିକାନ୍ତ ପଣ୍ଡା, ବିଶ୍ୱଜିତ ବସୁ, ସାଲବେଗ ମାହାଳି, ପ୍ରଜ୍ଞାପରମିତା କର, ବିଦ୍ୟାଧର ସ୍ୱାଇଁ, ଭଗବତୀ ମଣ୍ଡଳ, ଶିବାନୀ ବିଜୁଳି, ସ୍ୱର୍ଣ୍ଣଲତା ସାହୁ, ସଫଳା ମଲିକ, ସଂଯୁକ୍ତା ଜେନା, ଜ୍ୟୋତିରଞ୍ଜନ ଖଟୁଆ, ପୂର୍ଣ୍ଣଚନ୍ଦ୍ର ରାଉତ, ରଶ୍ମିକାନ୍ତ ପଲାଇ, ମିଳନ ଦେବନାଥଙ୍କ ସମେତ ସବୁ ପଞ୍ଚାୟତର ସରପଞ୍ଚ ଓ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଶୁଳ୍କ ଛାଡ଼ ଦାବିରୁ ଜିଲାରେ ଅଭିଯାନ ଆରମ୍ଭ



ଆପ୍‌ର କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ ଅନ୍ୟମାନେ।

**ଆପ୍‌ର କର୍ମୀ ସମ୍ମିଳନୀ**

**କେନ୍ଦ୍ରାପଡ଼ା ଅଫିସ, ୧୮।୫**

ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଆପ୍) କେନ୍ଦ୍ରାପଡ଼ା ଜିଲାରେ ବୁଧବାର କର୍ମୀ ସମ୍ମିଳନୀ କରି ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ବୋଲି ସୂଚନା ଦେଇଛି। ବିଦ୍ୟୁତ୍ ଶକ୍ତିର ବଳକା ରାଜ୍ୟ ଓଡ଼ିଶାରେ ପ୍ରତି ହିତାଧିକାରୀଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ ଦାବି କରି ତୃଣମୂଳସ୍ତରରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ପୂର୍ବାହ୍ନରେ ଏହି କର୍ମୀ ସମ୍ମିଳନୀ ସହରର ଟାଉନ୍‌ହଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଜିଲା ଆବହକ ସନ୍ଦୀପ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଦିଲ୍ଲୀ କ୍ୟାଣ୍ଟେନମେଣ୍ଟ ବିଧାୟକ ତଥା ଓଡ଼ିଶା ପ୍ରଭାରୀ ବୀରେନ୍ଦ୍ର କୁମାର କାଡିୟାନ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ, ଓଡ଼ଶା ଏକ ବିଦ୍ୟୁତ୍ ଶକ୍ତି ଉତ୍ପାଦନକାରୀ ରାଜ୍ୟ। ଏଠାରେ ସରକାର ବଳକା ବିଦ୍ୟୁତ୍‌କୁ ବାହାର ରାଜ୍ୟରେ ବିକ୍ରି କରୁଛନ୍ତି। ତେବେ ରାଜ୍ୟବାସୀ ଉପଯୁକ୍ତ ପରିମାଣରେ ବିଦ୍ୟୁତ୍ ସେବା ପାଉ ନ ଥିବାବେଳେ ବିଦ୍ୟୁତ୍ ଶୁଳ୍କ ଅତ୍ୟଧିକ ଅଛି। ଫଳରେ ତୃଣମୂଳସ୍ତରରେ ଥିବା ସାଧାରଣ ଲୋକ, କୃଷକଠାରୁ ଆରମ୍ଭ କରି କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ପର୍ଯ୍ୟନ୍ତ ଆର୍ଥିକ କ୍ଷତି ସହୁଛନ୍ତି। ଦିଲ୍ଲୀରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉ ନ ଥିଲେ ମଧ ସେଠାରେ ଏକ ନିର୍ଦ୍ଦିଷ୍ଟ ୟୁନିଟ୍ ପର୍ଯ୍ୟନ୍ତ ଶୁଳ୍କ ପ୍ରତ୍ୟାହାର କରାଯାଇଛି। ସେହିପରି ନିକଟରେ ପଞ୍ଜାବ ରାଜ୍ୟରେ ଏହି ବ୍ୟବସ୍ଥା ଆପ୍ ସରକାର କରିଛନ୍ତି। ଓଡ଼ିଶାରେ ୨୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ ପାଇଁ ପ୍ରତି ଗ୍ରାମାଞ୍ଚଳରେ ଆପ୍ ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ ହେବ। ଏହି ଦାବିକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଏଥିପାଇଁ କର୍ମୀମାନେ ତତ୍ପର ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ନେତା ବାନାମ୍ବର ସାହୁ, ସୂର୍ଯ୍ୟକାନ୍ତ ପରିଡା, ସନ୍ତୋଷ ଲେଙ୍କା, ଶାରଦାପ୍ରସାଦ ରାଉତ, ପ୍ରଭାକର ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ମିଳନୀରେ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ମାନପୁର-ଆରଡ଼ି ପୋଲ ନିର୍ମାଣ ନେଇ ଅନିଶ୍ଚିତତା

**୧୦ କୋଟିର ଅଟକଳ ବଢ଼ି ୭୯ କୋଟିରେ ପହଞ୍ଚିଲା**

**ରାଜକନିକା, ୧୮।୫ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳ ରାଜକନିକା ବ୍ଲକର ବାରାହାଦୋମଣ୍ଡା ପଞ୍ଚାୟତ। ଏହି ପଞ୍ଚାୟତର ମାନପୁର, ବାରାହା ଦୋମଣ୍ଡା, କାଏମା ଦୋମଣ୍ଡା, ବାରାହା କନପୁର, କାଏମା କନପୁର ଓ ଗୁଣ୍ଡଲ ଆଦି ୬ଟି ଗାଁ ରହିଛି। ତେବେ ଦୈନିକ ଏହି ଅଞ୍ଚଳର ଲୋକେ ବୈତରଣୀ ନଦୀର ମାନପୁର ଘାଟ ପାର ହୋଇ ଭଦ୍ରକ ଜିଲାର ଆରଡ଼ିକୁ ଯିବା ଆସିବା କରିଥାନ୍ତି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଦୈନିକ ଶହ ଶହ ଭକ୍ତ ଭଦ୍ରକ ଜିଲା ଆରଡ଼ିରେ ଥିବା ଆଖଣ୍ଡଳମଣି ଠାକୁରଙ୍କ ଦର୍ଶନ ପାଇଁ ଆସିଥାନ୍ତି। ସେହିପରି ବର୍ଷାଦିନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର କାଉଡିଆ ଗାଡ଼ିରେ ଆସି ମାନପୁର ଘାଟ ପାର ହେବା ପାଇଁ ଭିଡ଼ ଜମାଇଥାନ୍ତି। ତେବେ ମାନପୁର ଘାଟରେ ହୁଲିଡଙ୍ଗା ହିଁ ଏକମାତ୍ର ସାହା ଭରସା। ପୁଣି ସେହି ଡଙ୍ଗାରେ ଜ୍ୟାକେଟ ବ୍ୟବସ୍ଥା ନାହିଁ। ପ୍ରଶାସନର ଏଥିପ୍ରତି ମଧ ଦୃଷ୍ଟି ନାହିଁ। ଏଠାରେ ଭିତରକନିକାରୁ ଶତାଧିକ କୁମ୍ଭୀର ଆସି ଯାତାୟାତ କରିଥାନ୍ତି। ଏହି ନଦୀ ଜୁଆରିଆ, ପଙ୍କୁଆ ସହ ଅତି ଗଭୀର। ଯଦି ଏଠାରେ ଡଙ୍ଗା ବୁଡିଯାଏ ତେବେ ଲୋକେ କୁମ୍ଭୀର ହାବୁଡ଼ରେ ପଡ଼ିଥାନ୍ତି। ଏଠାରେ ବୈତରଣୀ ନଦୀରେ ପୋଲ ନିର୍ମାଣ ପାଇଁ ଆଜକୁ ୫୦ ବର୍ଷ ହେଲା ବହୁ ବିଧାୟକ ଓ ସାଂସଦଙ୍କ ନିକଟରେ ସ୍ଥାନୀୟ ଲୋକେ ଦାବିକରି ଆସୁଛନ୍ତି। ଭୋଟ ସମୟରେ ରାଜନେତାମାନେ ଲୋକଙ୍କୁ ପ୍ରଭାବିତ କରି ଭୋଟ ନିଅନ୍ତି। ପ୍ରତିଶ୍ରୁତି ମଧ ଦିଅନ୍ତି। ପରେ ସବୁ ଭୁଲିଯାଆନ୍ତି। ଆଖଣ୍ଡଳମଣି ମନ୍ଦିର ପରିସର ହେଉଛି କନିକା ରାଜାଙ୍କ ସମ୍ପତ୍ତି। ତାଙ୍କ ପୂର୍ବପୁରୁଷ ଏହି ମନ୍ଦିର ନିର୍ମାଣ କରାଇ ଥିଲେ। ପଣ୍ଡାମାନଙ୍କୁ ଏଠାରେ ସମ୍ପତ୍ତିବାଡ଼ି ଦେଇଥିଲେ। ପୁରୁଷ ପୁରୁଷ ଧରି ପଣ୍ଡାମାନେ ଏହି ସମ୍ପତ୍ତିବାଡ଼ି ଭୋଗ ଦଖଲ କରିଆସୁଛନ୍ତି। ୨୦୨୧ ଡିସେମ୍ବରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓଲାଭରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନପୁର ପୋଲ ପାଇଁ ୭୯ କୋଟି ଓ ବଳିତରଘାଟ ପୋଲ ଲାଗି ୧୦୮ କୋଟି ମଞ୍ଜୁର କରିଛନ୍ତି ବୋଲି କହିଥିଲେ। ତେବେ ଆଜକୁ ୪୦ ବର୍ଷ ତଳେ ଏହି ପୋଲ ପାଇଁ ୧୦ କୋଟି ଅଟକଳ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ୨୦ କୋଟି ହୋଇଥିଲା। ପୋଲ ଆରମ୍ଭ ହେବାକୁ ଯାଉଥିବା ବେଳେ କେନ୍ଦ୍ର ସରକାର ଯାଜପୁର ରୋଡ୍‌ରୁ ନଦୀରେ ଧାମରା ବନ୍ଦରକୁ କଞ୍ଚାମାଲ ପରିବହନ ପାଇଁ ସ୍ଥିର କଲେ। ଓଡ଼ିଶା ସରକାର କେନ୍ଦ୍ରୀୟ ପରିବହନ ମନ୍ତ୍ରଣାଳୟକୁ ପୋଲ ନିର୍ମାଣ ନିମନ୍ତେ ମଞ୍ଜୁର ପାଇଁ ୨ ବର୍ଷ ହେବ ପଠାଇଛନ୍ତି। ହେଲେ ଏହାକୁ ଏପର୍ଯ୍ୟନ୍ତ ମଞ୍ଜୁରୀ ମିଳିନାହିଁ। ତେବେ ବର୍ତ୍ତମାନ ଏହି ପୋଲର ଅଟକଳ ୧୦ କୋଟିରୁ ୭୯ କୋଟିରେ ପହଞ୍ଚିଛି। ହେଲେ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। କେବେ କାମ ଆରମ୍ଭ ହୋଇ ସରିବ ଏହାକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହଘେରରେ ରହିଛନ୍ତି। ତେଣୁ ତୁରନ୍ତ ଏହି ପୋଲ ନିର୍ମାଣ ଆରମ୍ଭ କରିବାକୁ ବାରାହା ଦୋମଣ୍ଡା ସରପଞ୍ଚ ପ୍ରସନ୍ନ ମଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ବେଉରିଆ, ଦାମୋଦର ନାୟକ, ପ୍ରାକ୍ତନ ସରପଞ୍ଚ ବୀରସେନ ବାରିକ, ପୂର୍ବତନ ସରପଞ୍ଚ ବୀରଭଦ୍ର ମଲିକ ଓ ସାମାଜିକ କର୍ମୀ ନିରଞ୍ଜନ ମଲିକ ପ୍ରମୁଖ ଆଳି ବିଧାୟକ ଦେବଙ୍କ ସମେତ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହି ପୋଲ ସମ୍ପୂର୍ଣ୍ଣ ହେଲେ ଓଡ଼ିଶାର ବିଭିନ୍ନ ଜିଲାର ପର୍ଯ୍ୟଟକ ଆଖଣ୍ଡଳମଣିଙ୍କୁ ଦର୍ଶନ ସହ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲା ମଧ୍ୟରେ ଯୋଗାଯୋଗ ସମ୍ଭବ ହେବ ବୋଲି ଜଣାପଡ଼ିଛି।



ବୈତରଣୀ ନଦୀରେ ପୋଲ ହୋଇ ନ ଥିବାରୁ ଲୋକେ ଡଙ୍ଗାରେ ଯାତାୟାତ କରୁଛନ୍ତି।

## ସଂକ୍ଷେପରେ

### ହାଇୱା ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ରସୁଲପୁର,୧୮।୫(ଡି.ଏନ୍.ଏ.): କୁଆଖିଆ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଭୋଟକା ପଞ୍ଚାୟତ ବିଲିପଡା ମା'ଭାଲୁଶୁଣୀ ପୀଠ ନିକଟରେ ବୁଧବାର ଅପରାହ୍ନ ସାଢେ ୪ଟା ସମୟରେ ଏକ ହାଇୱା ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ବିମ୍ବାଧର ପଣ୍ଡା(୬୫) । ତାଙ୍କ ସ୍ତ୍ରୀ ଅଞ୍ଜନା(୫୩) ଏହି ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି । ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବିମ୍ବାଧର ଓ ଅଞ୍ଜନା ସ୍କୁଟି(ନଂ.ଓଆର-୦୪ପି-୪୨୨୨)ରେ ପାଣିକୋଇଲିରୁ କୁଆଖିଆକୁ ଆସୁଥିଲେ । ଏହି ସମୟରେ ମା' ଭାଲୁଶୁଣି ପୀଠ ନିକଟରେ ଏକ ହାଇୱା (ନଂ.ଓଆର-୦୪ପି-୫୫୩୩) ତାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା । ଏଥିରେ ବିମ୍ବାଧର ଓ ଅଞ୍ଜନା ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ଖବରପାଇ କୁଆଖିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା । ହେଲେ ଡାକ୍ତର ବିମ୍ବାଧରଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ହାଇୱା ଚାଳକଙ୍କୁ ଗିରଫ କରିଛି। ୨ ଗାଡ଼ିକୁ ଜବତ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଦେବପଦ ମହାନ୍ତି କହିଛନ୍ତି।

### କେନାଲ ବନ୍ଧ ରାସ୍ତା ଖାଲଖମାରେ ଭର୍ତ୍ତି



ଧର୍ମଶାଳା,୧୮।୫(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭୁବନ ସବ୍ ମାଇନର କେନାଲ ବନ୍ଧ ରାସ୍ତା ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇଛି । ଫଳରେ ଲୋକମାନଙ୍କ ଯାତାୟତରେ ବାଧା ଉପୁଜିଛି। ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କେନାଲ ମାଧ୍ୟମରେ ଚାଷ ଜମିକୁ ପାଣି ମଡାଇବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବା ସହିତ ଲୋକଙ୍କ ଯାତାୟତ ଲାଗି ରାସ୍ତା ନିର୍ମାଣ କରାଯାଇଛି । ହେଲେ ଏଠାରେ ତାହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ବିଶେଷ କରି ଚୋରମୁହାଁ ଓ ଭୁବନ ପଞ୍ଚାୟତକୁ ସଂଯୋଗ କରୁଥିବା ଭୁବନ ସବ୍‌ମାଇନର କେନାଲ ରାସ୍ତାଟି ଦୀର୍ଘବର୍ଷ ହେଲା ମରାମତି ନ ହେବା ଫଳରେ ଯାତାୟତ ଅନୁପଯୋଗୀ ହୋଇପଡିଛି । ଚଣ୍ଡିଖୋଲ ଜଳସେଚନ ଉପଖଣ୍ଡ ଅଧୀନରେ କେନାଲଗୁଡିକ କାମ କରାଯାଉଥିଲେ ମଧ୍ୟ ଅସାଧୁ ଠିକାଦାର ଏହାର ଫାଇଦା ଉଠାଇ ଚାଲିଛନ୍ତି । ନିମ୍ନମାନର ପିଚୁ କାମ ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଚୋରମୁହାଁ ପଞ୍ଚାୟତ ଦେଇ ଯାଇଥିବା କେନାଲ ବନ୍ଧ ରାସ୍ତା ଉପରେ ୨ ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି । ଅସରାଏ ବର୍ଷା ହେଲେ ସେହି ରାସ୍ତାରେ ଯାତାୟତ ବନ୍ଦ ରହୁଛି । ସ୍ଥାନୀୟ ବିଧାୟକ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ଅଧିକାରୀଙ୍କ ସୁରକ୍ଷାରେ ନକଲି ଶିକ୍ଷକ

- ଯାଞ୍ଚ, କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ
- ଫସର ଫାଟୁଛି ଡିଇଇଙ୍କ ଚେତାବନୀ

ଯାଜପୁର ଅଫିସ,୧୮।୫

ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ତାଲିକାଭୁକ୍ତ ପ୍ରାୟ ୪୦୦ ନକଲି ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସେମାନେ ବିଭାଗୀୟ ଅଧିକାରୀମାନଙ୍କ ଛତ୍ରଛାୟା ତଳେ ଅଛନ୍ତି। ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଳୁଥିବା ଚେତାବନୀକୁ ମଧ୍ୟ ସମ୍ପୃକ୍ତ ଶିକ୍ଷକମାନେ ଖାତିର କରୁନାହାନ୍ତି। ଫଳରେ ନକଲି ଶିକ୍ଷକ ଓ ସରକାରୀ କର୍ମଚାରୀଙ୍କ ସଂଖ୍ୟା ବଢି ଚାଲିଛି ବୋଲି ମତପ୍ରକାଶ ପାଇଛି।

ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ନୀତି ପ୍ରଣୟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ଯୋଗାଇଦିଆଯାଇଛି। ରାଜନୀତିକ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସେମାନଙ୍କୁ ବିଭିନ୍ନ ପଦପଦବୀରେ ରଖାଯାଇଛି । କିନ୍ତୁ ଏହିସବୁ ସୁବିଧା ସୁଯୋଗକୁ ଚଞ୍ଚକତା କରି କେତେଜଣ ସାଧାରଣ ବର୍ଗ ଲୋକେ ଉପଭୋଗ କରି ଚାଲିଛନ୍ତି । ଏପରିକି ନିର୍ବାଚନରେ ଥିବା ସଂରକ୍ଷଣ ବ୍ୟବସ୍ଥାରେ ମଧ୍ୟ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦାଖଲ କରି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ପାରୁଛନ୍ତି । ମିଥ୍ୟା ଜାତିଗତ ପ୍ରମାଣପତ୍ର ବଳରେ ବିଭିନ୍ନ ସୁବିଧାସୁଯୋଗ ହାସଲ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଅଭିଯୋଗ ହେଲେ ମଧ୍ୟ ପ୍ରଶାସନିକ ଉଦାସୀନତା ମନୋଭାବ ଯୋଗୁ ଦୀର୍ଘଦିନ ହେବ କାର୍ଯ୍ୟାନୁଷ୍ଠାନ ହୋଇ ପାରୁନାହିଁ । ଅଭିଯୁକ୍ତମାନେ କୋର୍ଟ କଚେରିର ଦ୍ୱାରସ୍ଥ ହେଲା ପରେ ପ୍ରଶାସନିକ ଅଧିକାରୀମାନେ ଉପଯୁକ୍ତ ଭାବେ ଜବାବ ଦାଖଲ ନ କରି କୋହଳ ମନୋଭାବ ପୋଷଣ କରୁଛନ୍ତି। ଫଳରେ ବାସ୍ତବରେ ଆଦିବାସୀ ଓ ହରିଜନ ଡିଗ୍ରୀଧାରୀ ପ୍ରତିଭାବାନ୍ ବ୍ୟକ୍ତି ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି।

ଏହି ପରିପ୍ରେକ୍ଷୀରେ ଡିଇଇର ନିର୍ଦ୍ଦେଶକ ତା୧୮।୧୦।୨୦୨୧ରିଖରେ ଓଡ଼ିଶାର ୨୩ ଜିଲା ଶିକ୍ଷାଧିକାରୀ(ଡିଇଓ) ଓ ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କ ସମେତ ୫୫ ଜଣ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଜବାବ ତଲବ କରିଥିଲେ। ନକଲି ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)(ସିସିଏ) ୧୯୬୨ ଆଇନର ଧାରା ୧୫ ଅନୁଯାୟୀ ଚାକିରିରୁ ବହିଷ୍କାର ଓ ଥାନାରେ ମାମଲା ରୁଜୁ କରିବାକୁ ଗତ ୧ ବର୍ଷ ମଧ୍ୟରେ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାୟ ୧୦ ଥର ନିର୍ଦ୍ଦେଶ ହୋଇଛି। କିନ୍ତୁ ସମ୍ପୃକ୍ତ ଅଧିକାରୀମାନେ ଏହାର ଉଲ୍ଲଂଘନ କରି ଆସୁଛନ୍ତି। ତେଣୁ ସେହି ଅଧିକାରୀମାନଙ୍କ ବିରୋଧରେ କାହିଁକି ବିଭାଗୀୟ ପ୍ରୋସିଡିଂ ଗ୍ରହଣ କରା ନ ଯିବ, ସେ ନେଇ ଉତ୍ତର ରଖିବାକୁ ଡିଇଇର ନିର୍ଦ୍ଦେଶକ ତାଙ୍କ ପତ୍ରରେ ଚେତାବନୀ ଦେଇଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶର ଉପଯୁକ୍ତ ଭାବେ ପାଳନ ହୋଇ ନ ଥିବା କେତେକ ଘଟଣାକୁ ଅବଲୋକନ କଲେ ତାହା ଜଳଜଳ ହୋଇ ଦିଶୁଛି।

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ଅସନଝର ମୌଜାରେ ଜଣେ ଯୁବକ କେନ୍ଦୁଝର ଘସିପୁରା ତହସିଲ ଅଞ୍ଚଳରେ ୨ ଡେସିମିଲ ଜମି କିଣି ସେଥିରେ ଶବର ଜାତି ଦର୍ଶାଇଛନ୍ତି। ସେହି ଜମିପଟ୍ଟା ବଳରେ ଆଦିବାସୀ ଜାତିଗତ ପ୍ରମାଣପତ୍ର ହାସଲ କରି ସରକାରୀ ଶିକ୍ଷକତା କରୁଥିବା ନେଇ ଯାଜପୁର ଏବଂ ଗଜପତି ଡିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଏକ ସ୍କୁଲରେ ନକଲି ଜାତିଗତ ପ୍ରମାଣପତ୍ର ବଳରେ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ଏ ସଂକ୍ରାନ୍ତରେ ଗଜପତି ଜିଲା ଶିକ୍ଷା ଅଧିକାରୀ(ଡିଇଓ) ପ୍ରଦୋଷ ନାୟକଙ୍କୁ ପଚାରିଲେ ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଦିନ ଗଡି ଚାଲିଥିଲେ ବି କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ଗଜପତି ଡିଇଓଙ୍କ ଆଭିମୁଖ୍ୟ ଉପରେ ସନ୍ଦେହ ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି। ସେହିପରି ଯାଜପୁର ଜିଲା ବଡ଼ଚଣା ବ୍ଲକରେ ନକଲି ଓଟିଇଟି(ଓଡିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ପ୍ରମାଣପତ୍ର ବଳରେ ୩ ଜଣ ଶିକ୍ଷକ ଚାକିରି କରୁଥିବା ଧରାପଡିଥିଲା। ଏହିକ୍ରମରେ ଯାଜପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ସହକାରୀ ଶିକ୍ଷକମାନଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ହେଲେ ଏହି ମାମଲା କୋର୍ଟ କଚେରିରେ ବିଚାରାଧୀନ ରହିଛି।

## ଚାଷୀଙ୍କୁ ମିଳିଲା ଇନ୍‌ପୁଟ ସହାୟତା

ବିଞ୍ଝାରପୁର,୧୮।୫(ଡି.ଏନ.ଏ.)

ବିଞ୍ଝାରପୁର ତହସିଲ ଅଧୀନରେ ଥିବା ୫୦ ରାଜସ୍ୱ ଗ୍ରାମର ୧୪୨୫୦ଜଣ ଚାଷୀଙ୍କୁ ପ୍ରଶାସନ ପକ୍ଷରୁ ବ୍ୟାଙ୍କ ମାଧ୍ୟମରେ ୩କୋଟି ୫୦ଲକ୍ଷ ୮୮ହଜାର ୫ଶହ ୮୮ ଟଙ୍କା ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଇଛି । ଗତ ଖରିଫ ଋତୁ ତଥା ୨୦୨୧ ଅକ୍ଟୋବରରେ ହୋଇଥିବା ଅଦିନିଆ ଲଗାଣ ବର୍ଷାରେ ୫ ହଜାର ହେକ୍ଟର ଜମିରେ ବର୍ଷା ଜଳ ଜମି ରହିବା ଯୋଗୁ ଧାନ ଫସଲ ନଷ୍ଟ ହୋଇଥିଲା । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଏହି ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ବିଞ୍ଝାରପୁର ତହସିଲଦାର ଦୀପକ ରାଉତ ସୂଚନା ଦେଇଛନ୍ତି।

## ବ୍ୟକ୍ତିଗତ ଜଗାରେ କଂକ୍ରିଟ ରାସ୍ତା ନିର୍ମାଣ ଅଭିଯୋଗ

ପାଣିକୋଇଲି,୧୮।୫(ଡି.ଏନ୍.ଏ.)

କୋରାଇ ବ୍ଲକ ଅଧୀନ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମରେ କୃଷ୍ଣ ଚନ୍ଦ୍ର ମଲିକ ନାମକ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସେ ପାଣିକୋଇଲି ଥାନା ଓ ବିଡିଓଙ୍କୁ ଜଣାଇଛନ୍ତି। ବିନା ସୂଚନା ଫଳକରେ କେତେଜଣ ଯୁବକ କଂକ୍ରିଟ ରାସ୍ତା ନିର୍ମାଣ କରୁଛନ୍ତି। ବାରଣ ପରେ ବି ସମ୍ପୃକ୍ତ ଯୁବକମାନେ ତାଙ୍କ ବ୍ୟକ୍ତିଗତ ଘରୋଇ ଜାଗାରେ ରାସ୍ତା କାମ କରୁଛନ୍ତି। ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ଯୁବକମାନେ ଜେସିବିରେ ତାଙ୍କ ଘର କାନ୍ଥ ଡାଡି ଦେଇଛନ୍ତି ବୋଲି ସେ ଦର୍ଶାଇଛନ୍ତି।

# ସ୍ତ୍ରୀଙ୍କ ଗଳାକୁ କଟୁରିରେ ହାଣି ହତ୍ୟା

### ସ୍ୱାମୀଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

କାଳିଆପାଣି,୧୮।୫(ଡି.ଏନ.ଏ.)

ସୁକିନ୍ଦା ଥାନା ଅଧୀନ ବନ୍ଧଗାଁରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି । ସାମାନ୍ୟ କଥାକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କ ଗଳାକୁ କଟୁରିରେ ହାଣି ହତ୍ୟା କରିଛନ୍ତି । ଗ୍ରାମବାସୀ ଅଭିଯୁକ୍ତ ସ୍ୱାମୀ ଗୋଲଖ ମହାନ୍ତ(୬୫)ଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ପୋଲିସ ନିହତ ରାଧିକାଙ୍କ ମୃତଦେହ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୮୮/୨୨) ରୁଜୁ ହୋଇଛି। ପୋଲିସ ଗୋଲଖଙ୍କୁ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଗୋଲଖ ମାଂସ ବିକ୍ରିକରି ପରିବାର ଚଳାନ୍ତି। ହେଲେ ପ୍ରତିଦିନ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀ ରାଧିକା ଓ ପୁଅବୋହୂଙ୍କ ସହ ଝଗଡ଼ା କରିଥାନ୍ତି। ମଙ୍ଗଳବାର ରାତିରେ ବି ସେହି ଘଟଣା ଘଟିଥିଲା। ଏହାପରେ ପୁଅବୋହୂ ସେଦିନ ରାତିରେ ଘର ଛାଡି ଅନ୍ୟତ୍ର ପଳାଇ ଯାଇଥିଲେ। ଘରେ ଗୋଲଖ ଓ ରାଧିକା ଥିଲେ। ବୁଧବାର ଭୋର ପର୍ଯ୍ୟନ୍ତ ଗୋଲଖ ରାଧିକାଙ୍କ ସହ ପାଟିତୁଣ୍ଡ ଜାରି ରଖିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ଗୋଲଖ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଏକ କଟୁରିରେ ରାଧିକାଙ୍କ ଗଳାକୁ ଚୋଟ ମାରି ହତ୍ୟା କରିଥିଲେ। ରାଧିକାଙ୍କ ଚିତ୍କାର ଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗ୍ରାମବାସୀ ଗୋଲଖଙ୍କୁ କାବୁକରି ଗଛରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ସୁକିନ୍ଦା ପୋଲିସ ପହଞ୍ଚି ହତ୍ୟାରେ ବ୍ୟବହୃତ କଟୁରି ଜବତ କରିବା ସହିତ ହତ୍ୟାକାରୀଙ୍କୁ ଗିରଫ କରିଥିଲା।



ଗୋଲଖଙ୍କୁ ଗ୍ରାମବାସୀ ଗଛରେ ବାନ୍ଧି ରଖିଛନ୍ତି ।

# ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

### ଅନ୍ୟାସୀପୁର ନାବାଳିକା ହତ୍ୟା ଘଟଣା

- ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ନିର୍ଦ୍ଦେଶ

ଯାଜପୁର ଅଫିସ/ ବରୀ(ଡି.ଏନ.ଏ.),୧୮।୫

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅନ୍ୟାସୀପୁର ଗ୍ରାମର ବହୁ ଚର୍ଚ୍ଚିତ ନାବାଳିକା ହତ୍ୟା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି । ଭାରତୀୟ ବିକାଶ ପରିଷଦ (ବିବିପି)ର ଜଗତସିଂହପୁର ଜିଲା ସଭାପତି ସୁବ୍ରତ କୁମାର ଦାସ ଗତ ୩୦।୪।୨୦୨୨ରେ ଏନ୍‌ଏଚ୍‌ଆର୍‌ସିରେ ଏକ ଆବେଦନ କରିଥିଲେ। ଏହି ଆବେଦନ ଉପରେ ଏନ୍‌ଏଚ୍‌ଆର୍‌ସିରେ ୧୦୯୬/୧୮।୨୪।୨୦୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଉପରେ ବୁଧବାର ଏନ୍‌ଏଚ୍‌ଆର୍‌ସି ବିଚାର କରି ଯାଜପୁର ଏସ୍‌ପିଙ୍କୁ ୮ ସପ୍ତାହ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ୧୮।୨।୨୦୨୨ରେ ଜଣେ ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ ଅନ୍ୟାସୀପୁର ବ୍ରାହ୍ମଣୀ ନଦୀକୂଳର ଏକ ନିଛାଟିଆ ସ୍ଥାନରେ ପଡିଥିଲା। ଖବର ପାଇ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାପରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା(ନଂ.୩/୨୦୨୨) ରୁଜୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିବା ପରେ ପୋଲିସ ତତ୍ପରତା ପ୍ରକାଶ କରିଥିଲା। ଏହାପରେ ଗତ ଏପ୍ରିଲ ୨୨ରେ ସୁବ୍ରତ ବେହେରା ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ଗଣମାଧ୍ୟମକୁ ସୂଚନା ଦେଇଥିଲା।

## ବାଳିକା ଉଚ୍ଚ ବିଦ୍ୟାଳୟ ରାସ୍ତା ଶୋଚନୀୟ

ବ୍ରହ୍ମବରଦା,୧୮।୫(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତ ଅଧୀନ ବ୍ରହ୍ମବରଦା ବାଳିକା ଉଚ୍ଚବିଦ୍ୟାଳୟଠାରୁ ପୁରୁଣା ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ୧୦୦ମିଟର ରାସ୍ତା ଅତି ଶୋଚନୀୟ ହୋଇପଡିଛି । ୪ବର୍ଷ ତଳେ ଉକ୍ତ ରାସ୍ତା କାମ କରାଯାଇଥିଲା । ହେଲେ ନିମ୍ନମାନର କାମ ଯୋଗୁ ନିର୍ମାଣ ସରିବାର ୬ମାସ ପରେ ରାସ୍ତାରୁ ଗୋଡି ବାଲି ଉଠି ଅଲଗା ହୋଇଯାଇଥିଲା । ଏବେ ସେହି ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଛି । ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଲୋକମାନେ ଆହତ ହେଉଛନ୍ତି । ଉକ୍ତ ରାସ୍ତାରେ ଛାତ୍ରୀଛାତ୍ରମାନେ ଯାତାୟତ କରୁଥିବାରୁ ଅଭିଭାବକମାନେ ଚିନ୍ତାରେ ଅଛନ୍ତି । ଆଗକୁ ବର୍ଷା ଆସୁଥିବାରୁ ରାସ୍ତା ମରାମତି ସହ ପାଣି ନିଷ୍କାସନର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ସହିତ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ସ୍ଥାନୀୟ ବାସିନ୍ଦା ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

## କୃଷି, କୃଷି କ୍ଷେତ୍ରର ସୁରକ୍ଷା ଉପରେ ଗୁରୁତ୍ୱ

ପାଣିକୋଇଲି,୧୮।୫(ଡି.ଏନ୍.ଏ.)

କୋରାଇ ବ୍ଲକ ଗୋଳେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଞ୍ଚଳିକ ନାଗରିକ ସୁରକ୍ଷା ପରିଷଦ ଆନୁକୂଲ୍ୟରେ କୃଷି ଓ କୃଷି କ୍ଷେତ୍ରର ସୁରକ୍ଷା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସ୍ଥାୟୀ ସଭାପତି ଲଳିତ ମୋହନ ବୈରୀ ଗଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଯୁଗ୍ମ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ବୈଶାଖ ବିବରଣୀ ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ଅରବିନ୍ଦ ମହାନ୍ତି କୃଷକଙ୍କ ଆର୍ଥିକ ସ୍ଥିତି ଉପରେ ମତ ରଖିଥିଲେ । କୃଷି ଓ କୃଷି କ୍ଷେତ୍ରର ସୁରକ୍ଷା ପାଇଁ ସ୍ଥାୟୀ ପ୍ରତିକାରର ଆବଶ୍ୟକତା ରହିଛି । ଏନେଇ ସରକାର ଓ ପ୍ରଶାସନ ନିକଟରେ ଦାବି ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଗଙ୍ଗାଧର ମହାପାତ୍ର, ରାହାସ ବିହାରୀ ଦାଶ, ପ୍ରଶାନ୍ତ କୁମାର ପ୍ରହରାଜ, ଇନ୍ଦ୍ରମଣୀ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ସ୍ୱାଇଁ, ରବିନ୍ଦ୍ର ସାମନ୍ତରାୟ, ନାରାୟଣ ମହାପାତ୍ର, ରମାକାନ୍ତ ସାହୁ, ଗଜେନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ଅକ୍ଷୟ ସ୍ୱାଇଁ, କୁନି ସାହୁ, ବିଦ୍ୟାଧର ନାୟକ, ବିଶ୍ୱନାଥ ଦାସ, ଇନ୍ଦ୍ରମଣି ବିଶ୍ୱାଳ, ଦିବାକର ଦାସ, ଘନଶ୍ୟାମ ମହାପାତ୍ର, ମହେନ୍ଦ୍ର ମହାପାତ୍ର, ପୂର୍ଣ୍ଣାନନ୍ଦ କବି, ଅକ୍ଷୟ ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଘଟଣାରେ ୨ ଗିରଫ, ୧୬ ଛେଳି ଉଦ୍ଧାର

ଧର୍ମଶାଳା,୧୮।୫(ଡି.ଏନ.ଏ.)

ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ଛେଳି ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ୧୬ ଛେଳି ଉଦ୍ଧାର କରାଯାଇଛି । ଏହି ଘଟଣାରେ ଜଳେଶ୍ୱରପୁର ଗ୍ରାମର ନାଲୁଆ ନାୟକଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ସୂଚନା ଅନୁଯାୟୀ ଓଡଙ୍ଗ ଗ୍ରାମର ଦିଲୀପ ମଲିକଙ୍କୁ ପୋଲିସ ଗିରଫ କରିବା ସହିତ ତାଙ୍କ ଗୁହାଳରୁ ୧୬ ଛେଳି ଉଦ୍ଧାର କରିଥିଲା। ସୂଚନାଯୋଗ୍ୟ, ନୀଳକଣ୍ଠପୁର ଗ୍ରାମର ବୀର କିଶୋର ବେହେରାଙ୍କ ଗୁହାଳରୁ ଗତ ୧୫ତାରିଖ ରାତିରେ ୪ ଛେଳି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା।

## ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଯାଜପୁର ଟାଉନ,୧୮।୫(ଡି.ଏନ.ଏ.)

ଯାଜପୁର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କୁ ପ୍ରେସକ୍ଲବ ପକ୍ଷରୁ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଦାୟୀକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରେସକ୍ଲବ ସଭାପତି ରାଜୀବ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସେଠୀଙ୍କୁ ମାନପତ୍ର, ଉପଢ଼ୌକନ ଓ ବିରଜାଙ୍କ ଫଟୋଚିତ୍ର ପ୍ରଦାନ କରାଯାଇ ତାଙ୍କ ଶୁଭକାମନା କରାଯାଇଥିଲା। ପ୍ରେସକ୍ଲବର ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ଅରୁଣ କୁମାର ରାଉତରାୟ, ଅକ୍ଷୟ କୁମାର ମହାନ୍ତି, ସମରଜିତ ମହାନ୍ତି, ଜୟନ୍ତ କୁମର ଗୋସ୍ୱାମୀ, ଅଜୟ ରାଉଳ, ଦିଲ୍ଲୀପ ଦାସ, ଆଦିତ୍ୟ ମେକାପ, ସନ୍ଦିପ୍ତ ରାୟ, ବିଜୟ ସାହୁ, ଦେବଶିଷ ସାହୁ, ସଞ୍ଜୀବ ନାୟକ, ବିରଜା ପାଣି, ତରୁଣ ନନ୍ଦ, ପ୍ରଭାତ ତ୍ରିପାଠୀ, ମହେଶ୍ୱର ସାହୁ, ତପନ କୁମାର ମହାନ୍ତି, ଆଦିତ୍ୟ ମହାନ୍ତି, ମାନସ ରଞ୍ଜନ ତ୍ରିପାଠୀ, ସମରବିଜୟ ସରଣ, ସେକ୍ ମନିରୁଦ୍ଦିନ୍, ସୁରେନ୍ଦ୍ର ସାହୁ, ପରମେଶ୍ୱର ବେହୁରିଆ, ସୌମ୍ୟରଞ୍ଜନ ଦାସ, ଶକ୍ତିସୌରଭ ମହାପାତ୍ର ପ୍ରମୁଖ ସେଠୀଙ୍କ ଯାଜପୁରରେ ୯ବର୍ଷର ଅନୁଭୂତିକୁ ବର୍ଣ୍ଣନା କରିଥିଲେ।



ପ୍ରେସକ୍ଲବ୍ ପକ୍ଷରୁ ଲୋକସମ୍ପର୍କ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଅସୁସ୍ଥ ଯୁବକ ଆଖି ବୁଜିଲେ

ପାଣିକୋଇଲି,୧୮।୫(ଡି.ଏନ.ଏ.)

କୋରାଇ ବ୍ଲକ୍ କରଦା ପଞ୍ଚାୟତ ଅଧୀନ ସାହୁ ସାହି ଗ୍ରାମର ସୌମ୍ୟରଞ୍ଜନ ସାହୁ (୨୫)ଙ୍କ ପରଲୋକ ହୋଇଯାଇଛି। ସେ ୧ ବର୍ଷ ହେବ ମେରୁଦଣ୍ଡ ଟ୍ୟୁମର ଅସ୍ତ୍ରୋପଚାର କରାଇ ପାରାଲିସିସିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ତାଙ୍କ ପରଲୋକରେ ମା'ବାଗେଶ୍ୱରୀ ନାଟ୍ୟ ସଂସଦର ସମସ୍ତ ସଦସ୍ୟ, କରାଦା ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି ।

## ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ



ଆର୍ଟ ଅଫ୍ ଗିଭିଂ ଦିବସରେ ମଞ୍ଚାସୀନ ଅତିଥି ।

ବିଞ୍ଝାରପୁର,୧୮।୫(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ମଇଁନ୍ଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନବମ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ମନୋରଞ୍ଜନ ଧଳ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ରବୀନ୍ଦ୍ର କୁମାର ପରିଡା, ସଭାପତି ମାନଗୋବିନ୍ଦ ଧଳ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ସ୍ୱାଇଁ, ପ୍ରଧାନ ଆଚାର୍ଯ୍ୟ ନୀଳାଦ୍ରି ବିହାରୀ ଷଡ଼ଙ୍ଗୀ, ଡ଼ା ସୁଚରିତା ପ୍ରଧାନ ପ୍ରମୁଖ ଯୋଗ ଦେଇ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କିଟ୍ ପକ୍ଷରୁ ସମାବେଶ ନାୟକ, ବିଦ୍ଧୁ ଭୂଷଣ ଆଚାର୍ଯ୍ୟ, ରାଜ କିଶୋର ସୂତାର, ଚିତ୍ତରଞ୍ଜନ ପରିଡା, ପବିତ୍ର କୁମାର ଜେନା, ବିଜୟ ଭାସ୍କର ମଲିକ, ବିମଳ କୁମାର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ୩୫୦ ପିଲାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

# ପ୍ରସ୍ତାବରେ ସୀମିତ ସୋଲାର ପିଡବ୍ଲ୍ୟୁଏସ୍

### ବନ୍ୟା, ବାତ୍ୟା ପ୍ରପୀଡ଼ିତ ଉପକୂଳ ଅଞ୍ଚଳକୁ ଅଣଦେଖା

ଯାଜପୁର ଅଫିସ,୧୮।୫

ରାଜ୍ୟର ବନ୍ୟା ଓ ବାତ୍ୟା ପ୍ରପୀଡ଼ିତ ଉପକୂଳବର୍ତ୍ତୀ ୯ ଜିଲାର ପାଇପ୍ ଜଳଯୋଗାଣ ପ୍ରକଳ୍ପ (ପିଡବ୍ଲୁଏସ୍)ରେ ବିଦ୍ୟୁତ୍ ସହ ସୋଲାର ପମ୍ପ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ପଞ୍ଚାୟତିରାଜ ବିଭାଗକୁ ୨୦୧୯ ମେ' ମାସରେ ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲୁଏସ୍‌ଏସ୍) ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପ୍ରସ୍ତାବ ଦେଇଥିଲେ। ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା ଓ ପୁରୀ ଜିଲାର ୪୩୧୫ ପ୍ରକଳ୍ପ ପାଇଁ ୱାର୍ଲ୍ଡ ବ୍ୟାଙ୍କ ଅନୁଦାନରୁ ପ୍ରାୟ ୩୪୫.୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ପ୍ରତ୍ୟେକ ପ୍ରକଳ୍ପ ପିଛା ୦.୦୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଥିଲା। ଇତିମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇଛି । ଏହି ମହତ୍ କାର୍ଯ୍ୟ କେବଳ ପ୍ରସ୍ତାବରେ ସୀମିତ ରହିଛି।

ଉପକୂଳବର୍ତ୍ତୀ ଜିଲାବାସୀ ପ୍ରାୟ ପ୍ରତିବର୍ଷ ବନ୍ୟା ଓ ବାତ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣତଃ ବନ୍ୟା ଓ ବାତ୍ୟା ସମୟରେ ବିଦ୍ୟୁତ୍ ବିଭ୍ରାଟ ବନ୍ୟା ବିପନ୍ନଙ୍କୁ ଦୁର୍ବିଷହ କରିଥାଏ। ବିଶେଷକରି ସ୍ୱଚ୍ଛ ପାନୀୟଜଳ ଯୋଗାଣ ବନ୍ୟା ଅଞ୍ଚଳକୁ ବନ୍ଦ ହୋଇଯାଇଥାଏ। ବନ୍ୟା ବିପନ୍ନମାନେ ସ୍ୱଚ୍ଛ ପାନୀୟଜଳ ପାଇଁ ଡହଳବିକଳ ହୋଇଥାନ୍ତି। ଏହି ଦୃଷ୍ଟିରୁ ଆର୍‌ଡବ୍ଲୁଏସ୍‌ଏସ୍ ପକ୍ଷରୁ ଏକ ଦୂରଦୃଷ୍ଟିସମ୍ପନ୍ନ ସୌରଚାଳିତ ପମ୍ପ୍ ବସାଇବାକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ତାହା ଫାଇଲ ତଳେ ରହିଯାଇଥିବାରୁ ବନ୍ୟାବିପନ୍ନ ଅଞ୍ଚଳରେ ପାନୀୟଜଳ ସମସ୍ୟା ଦୂର ଆଶା କ୍ଷୀଣ ହୋଇଯାଇଛି।

ଅନ୍ୟପକ୍ଷେ ଯାଜପୁର ଜିଲାରେ ୩ ପର୍ଯ୍ୟାୟରେ ପ୍ରାୟ ୨୦୦ଟି ସୌର ଯନ୍ତ୍ରଚାଳିତ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ହୋଇଛି । ନିମ୍ନମାନର ଯନ୍ତ୍ରାଂଶ ଲଗାଇ ଦାୟିତ୍ୱରେ ଥିବା କମ୍ପାନୀ ମାଲାମାଲ ହୋଇଥିବାବେଳେ ସାଧାରଣ ଲୋକଙ୍କ ପାନୀୟ ଜଳ ଚାହିଦା ପୂରଣ ହୋଇପାରିନାହିଁ। ଗତବର୍ଷ ଓଡ଼ିଶା ରିନେବଲ ଏନର୍ଜୀ ଡେଭେଲପ୍‌ମେଣ୍ଟ ଏଜେନ୍ସି(ଓରିଡା) ପକ୍ଷରୁ ସୌରଚାଳିତ ପ୍ରକଳ୍ପଗୁଡ଼ିକ ଉପରେ ସର୍ଭେ ହୋଇଥିଲା। ସେଥିରେ ସୌରଚାଳିତ ପ୍ରକଳ୍ପଗୁଡ଼ିକ ସର୍ବାଧିକ ୨୮୧ ଦିନ ଚାଲିଥିଲା । ଧର୍ମଶାଳା ବ୍ଲକରେ ଶାନ୍ତି ଆସୋସିଏଟ୍ ଦ୍ୱାରା ଯୋଗାଣ ହୋଇଥିବା ଏଣ୍ଡଲବା ବିଛାଖଣ୍ଡିର ମୁଣ୍ଡାସାହି ପ୍ରକଳ୍ପ ୨୧୯ ଦିନ, ପାଟପୁର ହରିଜନ ସାହି ପ୍ରକଳ୍ପ ୨୧୮ ଦିନ, ପାଟପୁର ବଡବାରିସାହି ପ୍ରକଳ୍ପ ମାତ୍ର ୧୩ ଦିନ ଚାଲିବା ପରେ ଅଚଳ ହୋଇପଡିଥିଲା । ସେହିପରି ସୁକିନ୍ଦା ବ୍ଲକ ଗୋବରଖାଟି ମିର୍ଗିଚର ପ୍ରକଳ୍ପ ୧୭୭ ଦିନ, ଚିଙ୍ଗୁଡିପାଳ ଛତନନଗର ମୁଣ୍ଡାସାହି ପ୍ରକଳ୍ପ ୧୬୯ ଦିନ ଓ ଖରଡି ପ୍ରକଳ୍ପ ୨୧୧ ଦିନ ପାଣି ଯୋଗାଣ କରିପାରିଥିଲା । ସେହିପରି ବଡ଼ଚଣା ବ୍ଲକର ପାରିଆ ସାବରସାହି ପ୍ରକଳ୍ପ ୨୮୧ ଦିନ, ଭୂଷଣପୁର ଆଦିବାସୀ ସାହି ପ୍ରକଳ୍ପ ୧୩୧ ଦିନ ଓ ଚାରିନଙ୍ଗଲ ଖାରକୁଳ ପ୍ରକଳ୍ପ ମାତ୍ର ୧୩ ଦିନ ଚାଲିଥିଲା । ତେଣୁ ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରସ୍ତାବିତ ସୌରଚାଳିତ ପମ୍ପ ଉଚ୍ଚମାନର ସ୍ଥାପନ କରା ନ ଗଲେ କିଛିଦିନ କାର୍ଯ୍ୟକ୍ଷମ ହୋଇ ପୁଣି ଅଚଳ ହେବାର ସମ୍ଭାବନା ରହିଛି ବୋଲି ସେତେବେଳେ ମତପ୍ରକାଶ ପାଇଥିଲା । ଏ ସଂକ୍ରାନ୍ତରେ ଯାଜପୁର ଆର୍‌ଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### ମାମଲା ପ୍ରତ୍ୟାହାର ନେଇ ଧମକ ଘଟଣା, ଜ୍ୱାଇଁ ଗିରଫ

**ଗୋପାଳପୁର,୧୮।୫(ଡି.ଏନ.ଏ.):** ଶ୍ୱଶୁରଙ୍କୁ ମାମଲା ପ୍ରତ୍ୟାହାର କରିବା ପାଇଁ ଧମକ ଚମକ ଦେବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ଜ୍ୱାଇଁଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କନିଷି ଗ୍ରାମର ଏମ. ଦୁଃଖୀ। ଏହି ଥାନା ଅନ୍ତର୍ଗତ କନିଷି ଗ୍ରାମର ରାମେୟାଙ୍କ ଝିଅ ଏମ କୁମାରୀଙ୍କ ସହ ସେହି ଗ୍ରାମର ଦୁଃଖୀଙ୍କ ବିବାହ ହୋଇଥିଲା। ଗତ ଏପ୍ରିଲ ମାସରେ କୁମାରୀଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ରାମେୟା ଜ୍ୱାଇଁ ଓ ତାଙ୍କ ପରିବାର ମିଶି ମୋ ଝିଅକୁ ହତ୍ୟା କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଥାନା କେସ ନଂ. ୧୧୧/୨୧ରେ ପୋଲିସ ମାମଲା ରୁଜୁ କରି ଦୁଃଖୀଙ୍କୁ ଗିରଫ କରିଥିଲା। ଛଅ ମାସ ପରେ ଦୁଃଖୀ ଜାମିନରେ ଆସିଥିଲେ। ପରେ ରାମେୟା ଦେଇଥିବା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଦୁଃଖୀ ଚାପ ପକାଇବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିଲେ। ଏ ନେଇ ରାମେୟା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେସ ନଂ. ୧୬୨/୨୨ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ଗ୍ରାମରେ ଦୁଃଖୀ ବୁଲୁଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

### ନାବାଳିକା ବଳାତ୍କାର ମାମଲା

**ବ୍ରହ୍ମପୁର ଅଫିସ,୧୮।୫:** ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗୁରୁପ୍ରସାଦ ସାହୁ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଜରଡ଼ା ଥାନା ଅଞ୍ଚଳର କମଳ ପ୍ରଧାନ(୩୨)। ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚ ୧୮ ରେ ଜରଡ଼ା ଥାନାରେ ଜଣେ ନାବାଳିକାଙ୍କୁ ଅପହରଣ କରି ଦୀର୍ଘଦିନ ଧରି ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୭୨/୧୭ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ପରେ ଅଭିଯୁକ୍ତ କମଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ କମଳ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିଲେ। ଏହି ମାମଲାର ବିଚାର ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୨୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି।

### ପ୍ରତାରଣା ଅଭିଯୋଗରେ ରାଜମିସ୍ତ୍ରି ଗିରଫ

**ବ୍ରହ୍ମପୁର ଅଫିସ,୧୮।୫:** ଜଣେ ଯୁବତୀଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଦୁଷ୍ମନ୍ତ ଦାସ (୩୦)। ଉଭୟ ଯୁବତୀ ଓ ରାଜମିସ୍ତ୍ରିଙ୍କ ଡାକ୍ତରୀ ମାଇନା କରାଯାଇଛି। ନଂ. ୧୯୩/୨୨ରେ ପୋଲିସ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଧାରା ୧୬୪ ରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଦୁଷ୍ମନ୍ତ ଜଣେ ରାଜମିସ୍ତ୍ରି। ସେ ନିର୍ମାଣ କରୁଥିବା ଗୃହ କାମରେ ଜଣେ ଯୁବତୀଙ୍କୁ ମଜୁରିଆ ଭାବେ ନିୟୋଜିତ କରିଥିଲେ। ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁଷ୍ମନ୍ତ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ସେ ଯୁବତୀଙ୍କ ବାପଘରେ ମଧ ବହୁତ ଦିନ ମିଶି କରି ରହିଥିଲେ। ଯୁବତୀ ଜଣଙ୍କ ଦୁଷ୍ମନ୍ତଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ଦୁଷ୍ମନ୍ତ ବିବାହ କରିବିନାହିଁ ବୋଲି କହିବା ସହ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କୁ ନାନାପ୍ରକାର ଧମକଚମକ ଦେବା ସହ ଉକ୍ତ ଘରୁ ଚାଲି ଆସିଥିଲେ। ଏହା ଜାଣିବା ପରେ ଯୁବତୀ ଜଣକ ସଦର ଥାନାରେ ଏତଲା ଦେଇଥିଲେ।

# ଡ୍ରେନେଜ୍ ବ୍ୟବସ୍ଥାକୁ ମନ୍ଦିର ପ୍ରକଳ୍ପରେ ସାମିଲ କରାଯାଉ

**ଖଣ୍ଡପଡ଼ା,୧୮।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋର ବିଭିନ୍ନ ସମସ୍ୟା ନେଇ ବୁଧବାର କଣ୍ଟିଲୋ ନାଗରିକ ମଞ୍ଚ ସହ ଜିଲା ପରିଷଦ ସଭ୍ୟ ପ୍ରମୁଖ ଜିଲାପାଳ, ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ନୟାଗଡ଼ ବିଦ୍ୟୁତ୍ ବିଭାଗ ମ୍ୟାନେଜର(ନିର୍ବାହୀ)ଙ୍କୁ ସାକ୍ଷାତ୍ କରି ଆଲୋଚନା କରିଥିବା ଜଣାଯାଇଛି। ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ନୀଳମାଧବ ପୀଠର ବିକାଶ ନିମନ୍ତେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ହେଲେ କଣ୍ଟିଲୋ ପଞ୍ଚାୟତ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଦ୍ମାଦ୍ରି ଓ ବ୍ରହ୍ମାଦ୍ରି ପାହାଡ଼ ଉପରେ ବିରାଜିତ ନୀଳମାଧବ ମନ୍ଦିର ଉପରୁ ବର୍ଷାଦିନେ ବର୍ଷାଜଳ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଦ୍ୱାର ଦେଇ ନିର୍ଗତ ହୋଇଥାଏ।



କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ଏସ୍‌ପିଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ମାରକପତ୍ର ଦିଆଯାଉଛି।

ଏହାଛଡ଼ା ବିଭିନ୍ନ ସାହିବସ୍ତିର ବର୍ଷା ଓ ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଏ ସମସ୍ତ ଜଳ ଏକାଠି ହୋଇ ସମସ୍ୟା ସୃଷ୍ଟି ହୋଇଥାଏ। କଣ୍ଟିଲୋ ପଞ୍ଚାୟତ ଅଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ନୀଳମାଧବ ପୀଠ ବିକାଶ ପ୍ରକଳ୍ପ ଲାଗି ମଞ୍ଜୁର ଅନୁଦାନ ଅର୍ଥରେ ସାମିଲ କରିବାକୁ କଣ୍ଟିଲୋ ଜିଲା ପରିଷଦ ଜୋନ୍ ସଭ୍ୟା ଉଜ୍ଜ୍ୱଳ ମହାରଣା ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କୁ ସାକ୍ଷାତ୍ କରି ଅନୁରୋଧ କରିବା ସହ ଲିଖିତ ଭାବେ ଜଣାଇଛନ୍ତି।

କଣ୍ଟିଲୋ ଅଞ୍ଚଳରେ ନିୟମିତ ବିଦ୍ୟୁତ୍ ବିଭ୍ରାଟ ଓ ଏହାର ଆଶୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ. ସନ୍ତୋଷ କୁମାର ମହାପାତ୍ରଙ୍କୁ ଅବଗତ କରାଇଥିଲେ। ସେହିପରି କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ପଦବୀ ପୂରଣ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମକରନ୍ଦ ବେହେରାଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି। ଏଥିସହ ନୟାଗଡ଼ ଜିଲାରେ ଏସ୍‌ପି ଭାବେ ଯୋଗଦେଇଥିବା ଅଲେଖ ଚନ୍ଦ୍ର ପାହିଙ୍କୁ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ୬ ନଂ. ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ସୌଜନ୍ୟମୂଳକ ସାକ୍ଷାତ୍ କରି ନୀଳମାଧବ ପର୍ଯ୍ୟଟନସ୍ଥଳର ବିଭିନ୍ନ ସ୍ଥାନରେ ନିଶା କାରବାର ସାଙ୍ଗକୁ ବ୍ରାଉନ୍‌ସୁଗାରର ଚୋରା କାରବାର ବୃଦ୍ଧି ପାଇଥିବା ସମ୍ପର୍କରେ ଆଲୋଚନା କରି ନିରାକରଣ ପାଇଁ ଅନୁରୋଧ କରିଥିଲେ। ଏହି ପର୍ଯ୍ୟଟନ ପୀଠକୁ ପ୍ରତ୍ୟହ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ଆସୁଛନ୍ତି। ନୀଳମାଧବ ମନ୍ଦିରର ପ୍ରବେଶ ଦ୍ୱାର, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ସମେତ ଅନ୍ୟ ସ୍ଥାନରେ ବେଆଇନ ଭାବେ ଖୁଲମଖୁଲା ନିଶାଦ୍ରବ୍ୟ କାରବାର ଚାଲିଥିବା ସମ୍ପର୍କରେ ଶତାଧିକ ସ୍ୱାକ୍ଷର ସମ୍ବଳିତ ଏକ ଅଭିଯୋଗ ପତ୍ର ଏସ୍‌ପି ପାହିଙ୍କୁ ପ୍ରଦାନ କରାଯାଇଥିଲା। ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଏହି ସମୟରେ ନାଗରିକ ମଞ୍ଚର ଉପଦେଷ୍ଟା ପ୍ରଭାକର ଶିରୋମଣି, ସଭ୍ୟ ସରୋଜ କୁମାର ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶ୍ରୀନୀଳମାଧବ କ୍ଷେତ୍ର

■ ବିଭିନ୍ନ ସମସ୍ୟା ନେଇ ଜିଲା ପ୍ରଶାସନକୁ ଭେଟିଲା ନାଗରିକ ମଞ୍ଚ

### କୈଳାସ ବାରିକ ହତ୍ୟା ଘଟଣା, ଫେରାର ଅଭିଯୁକ୍ତ ଗିରଫ

**ଖଲ୍ଲିକୋଟ,୧୮।୫ (ଡି.ଏନ.ଏ.)**

ଖଲ୍ଲିକୋଟ ଥାନା ଅନ୍ତର୍ଗତ କୁଶଡ଼ିପା ଛକ ନିକଟରେ ୨୦୧୯ ଏପ୍ରିଲରେ ମଦ କାରବାରକୁ ନେଇ କୈଳାସ ବାରିକଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ତିନିଜଣ ଗିରଫ ହୋଇଥିବା ବେଳେ ଭାକୁର୍ଡ଼ିହ ଗ୍ରାମର ଅନ୍ୟତମ ଅଭିଯୁକ୍ତ ମନୋଜ ପରିଡ଼ା ଫେରାର ଥିଲେ। ଖଲ୍ଲିକୋଟ ପିଏସ କେଶ ନଂ.୧୦୬/୧୯ରେ ମାମଲା ରୁଜୁ ହୋଇଥିଲା। ମନୋଜ ଗ୍ରାମକୁ ଆସିଥିବା ଖବର ପାଇ ପୋଲିସ ବୁଧବାର କୋର୍ଟଚାଲାଣ କରିଛି।

### ପଞ୍ଚାୟତ ବିଭାଗ ଅତିରିକ୍ତ ଶାସନ ସଚିବଙ୍କ କାଶୀନଗର ଗସ୍ତ

**କାଶୀନଗର,୧୮।୫**

ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ଶାସନ ସଚିବ ମହେଶ୍ୱର ସ୍ୱାଇଁ କାଶୀନଗର ବ୍ଲକର ସିଧାମଡ଼ଙ୍ଗ, ଖାରଡ଼ା, ରାଶିପେଣ୍ଠ ଆଦି ପଞ୍ଚାୟତର ବିଭିନ୍ନ ଉନ୍ନୟନ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିଥିଲେ। ଖାରଡ଼ାଠାରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଉନ୍ନତମାନର ମାଛ ଜାଆଁଳ କେନ୍ଦ୍ର, ସିଲେଇ କେନ୍ଦ୍ର ରୂପାନ୍ତରିକରଣ, ସ୍କୁଲ, ପୋଖରୀ, ଜଳ ଯୋଗାଣ ଆଦି ପରିଦର୍ଶନ କରିଥିଲେ। ଭାରପ୍ରାପ୍ତ ବିଡିଓ ବିଶ୍ୱନାଥ ମହାରଣା, ସହକାରୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ବିପିଏମ ସମୀର କୁମାର ପାଢ଼ୀ ପ୍ରମୁଖଙ୍କ ଉପସ୍ଥିତିରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ କାର୍ଯ୍ୟ ମଧ୍ୟ ସମୀକ୍ଷା କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତାଙ୍କୁ ସ୍ୱାଗତ ଜଣାଇଥିଲେ।

# ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲେ ରାମ

**ଖଣ୍ଡପଡ଼ା,୧୮।୫(ସ୍ୱ.ପ୍ର.)**

କଣ୍ଟିଲୋ ରଘୁନାଥଜୀଉ ନାଟ୍ୟ ସମିତି କଂସାରୀସାହି ପାଟଣା ଆନୁକୂଲ୍ୟରେ ମଙ୍ଗଳବାର ୨ୟ ରାତିରେ ପୁରାଣର କଥାବସ୍ତୁକୁ ନେଇ ଶିବଧନୁ ଭଗ୍ନ ସହ ସୀତାବିବାହ ଓ ମିଥିଳା ପ୍ରବେଶ ନାଟକ ପରିବେଷଣ ହୋଇଯାଇଛି। ଜନକଙ୍କ ସର୍ତ୍ତ ଥିଲା, ଯିଏ ଶିବଧନୁ ଭାଙ୍ଗିବ ସୀତା ତାଙ୍କରି ଗଳାରେ ବରଣମାଳା ଦେବେ। ଏଥିପାଇଁ ଆୟୋଜିତ ସ୍ୱୟଂମ୍ବର ସଭାରେ ବିଭିନ୍ନ ଦେଶର ରାଜା ଉପସ୍ଥିତ ଥିଲେ। ଲଙ୍କା ନରେଶ ଦଶାନନ ରାବଣ ମଧ ସଭାକୁ ଆସିଥିଲେ। ନିଜକୁ ତ୍ରିଭୁବନ ବିଜୟୀ ଭାବୁଥିବା ରାବଣ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିବେ ବୋଲି ଆଶା ବାନ୍ଧିଥିଲେ। ମାତ୍ର ଶିବଧନୁ ଭାଙ୍ଗିବା ଦୂରେ ଥାଉ ଉଠାଇ ମଧ ପାରିଲେନି। ଏଥିରେ ଲଜ୍ଜା ବୋଧକରି ରାବଣ ନିଜ ଆସନ ପରିତ୍ୟାଗ କରିବା ପୂର୍ବରୁ ଅନ୍ୟ କେହି ଶିବଧନୁ ଉଠାଇ ଭାଙ୍ଗି ସୀତାଙ୍କୁ ବିବାହ କରିବେ, ତେଣୁ ରାହୁକୁ ଧନୁ ଉପରେ ବସି ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଉପସ୍ଥିତ ସମସ୍ତ ରାଜା ଧନୁକୁ ଉଠାଇବା ପାଇଁ ସକ୍ଷମ ନ ହୋଇ ବାଧହୋଇ ସ୍ୱୟଂମ୍ବର ସଭା ପରିତ୍ୟାଗ କରିଥିଲେ। ତ୍ରିକାଳଦର୍ଶୀ ଋଷି ବିଶ୍ୱାମିତ୍ର ଏସବୁ ଘଟଣା ଜାଣିଥାନ୍ତି। ସମସ୍ତ ରାଜା ମହାରାଜା ସ୍ଥାନ ଛାଡ଼ି ଚାଲିଯାଉଥିବା ଦେଖି ଧନୁ ଉପରେ ବସିଥିବା ରାହୁ ମଧ ଉଠି ଚାଲିଯାଇଥିଲେ। ଏହି ସୁଯୋଗରେ ବିଶ୍ୱାମିତ୍ର ମୁନିଙ୍କ ନିର୍ଦ୍ଦେଶକ୍ରମେ ରାମଚନ୍ଦ୍ର ଶିବଧନୁକୁ ଭୂମିରୁ ଉଠାଇ ଭଗ୍ନ କରିଥିଲେ।



ଅନୁଷ୍ଠିତ ନାଟକରେ ରାମଚନ୍ଦ୍ର ଶିବ ଧନୁକୁ ଭାଙ୍ଗୁଛନ୍ତି।

ଜନକଙ୍କ ସର୍ତ୍ତକ୍ରମେ ରାମଚନ୍ଦ୍ର ସୀତାଙ୍କୁ ବିବାହ କରିଥିଲେ। ସୀତାଙ୍କୁ ବିବାହ କରି ବିଶ୍ୱାମିତ୍ରଙ୍କ ପରାମର୍ଶକ୍ରମେ ସେମାନେ ଅଯୋଧ୍ୟା ଗମନ କରିଥିଲେ। ଏହି ନାଟକ ଦେଖିବାକୁ ବିଳମ୍ବିତ ରାତିରୁ ବୁଧବାର ସକାଳ ପର୍ଯ୍ୟନ୍ତ ବହୁସଂଖ୍ୟକ ଦର୍ଶକ ଉପସ୍ଥିତ ଥିଲେ। ମଞ୍ଚସ୍ଥ ନାଟକରେ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ ଶିଶୁ କଳାକାର ସୁରଜ, ଅସିତ୍ ଓ ଅମିତ୍ ଅଭିନୟ କରିଥିଲେ। ସେହିପରି ଜନକ, ବିଶ୍ୱାମିତ୍ର, ସହସ୍ରାର୍ଜ୍ଜୁନ, ବାଣାସୁର ଭୂମିକାରେ ଯଥାକ୍ରମେ ଲକ୍ଷ୍ମୀଧର ଚିନ୍ନରା, ବିଭୂତି ଭୂଷଣ ସାହୁ, ଭିକାରୀ ଚରଣ ସାହୁ ଓ ବିରଞ୍ଚି ପିନୁ ସାହୁ ପ୍ରମୁଖ ଅଭିନୟ କରିଥିଲେ। ନାଟ୍ୟ ପରିଚାଳନାରେ ସୁରେନ୍ଦ୍ରନାଥ ସାହୁ, ରମାକାନ୍ତ ସାହୁ, ରାଜେଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରିମାଣ୍ଡରେ ଆଣିବା ପରେ ଚୋରି ଉପକରଣ ଜବତ

**ନୟାଗଡ଼ ଅଫିସ,୧୮।୫**

ନୟାଗଡ଼ ଜିଲାର ଶରଣକୁଳ ଥାନା ପୋଲିସ ଗୋଡିପଡା ଫାଣ୍ଡି କଇଁଫୁଲିଆ ଗାଁର ଆନ୍ତଃରାଜ୍ୟ ଡକାୟତ ଅଶୋକ ସେନାପତି ଓରଫ ବୁଲୁ(୨୬)ଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିଥିଲା। ଏହାପରେ ୨ଟି ବାଇକ୍, ୨ଟି ମୋବାଇଲ, ଆଧାରକାର୍ଡ ଜବତ ହୋଇଛି। ମୋବାଇଲ ଦୁଇଟି ବିନାୟକପୁର ଓ ଜାମୁସାହି ରାସ୍ତାରେ ଲୁଟ୍ ହୋଇଥିଲା। ସେହିପରି ଏକ ବାଇକ୍ ଖଣ୍ଡପଡାରେ ଲୁଟ୍ ହୋଇଥିବା ଜଣାପଡିଛି। ଅନ୍ୟ ବାଇକ୍ ଲୁଟ ସମ୍ପର୍କରେ ଜଣାପଡିନାହିଁ। ନୟାଗଡ଼ ଜିଲାର ଶରଣକୁଳ ଥାନା ପୋଲିସ ୩ ଆନ୍ତଃରାଜ୍ୟ ଡକାୟତିଙ୍କୁ ଗିରଫ କରି ଡକାୟତି ଉଦ୍ୟମପଣ୍ଡ କରିଥିଲା। ଗିରଫ ୩ ଡକାୟତ ଗୋଡିପଡା ଫାଣ୍ଡି କଇଁଫୁଲିଆ ଗାଁର ବୁଲୁ ଓ ଯାଗ୍ରୀ ଖଇରପଟି ଗାଁର ବାଇନ ବେହେରା ଓରଫ ରମେଶ(୨୭), ଚାନ୍ଦପୁର ଥାନା ଚାନ୍ଦପୁର ଦାଣ୍ଡସାହିର ସୋମନାଥ ସାହୁ ଓରଫ କାହ୍ନୁ(୨୨)ଗତ ୧୩ ତାରିଖରେ ଜେଲ ଯାଇଥିଲେ। ପୋଲିସ ଉପରକୁ ଗୁଳିମାଡ ମାମଲାରେ ଶରଣକୁଳ ଥାନାର ଏସ୍‌ଆଇ ଦୁର୍ଗାମାଧବ ସାହୁଙ୍କ ଅଭିଯୋଗ କ୍ରମେ ଦଫା ୩୦୭, ୩୪ ଆଇପିସି, ୨୫ ଓ ୨୭ ଆର୍ମସ ଆକ୍ଟ ଦଫାରେ ନଂ. ୫୮/୨୨ରେ ମାମଲା ରୁଜୁ ହୋଇଥିଲା। ଏହି ୩ ଡକାୟତ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତ ଥିଲେ। ଏଣୁ ପୁଣି ପଚରାଉଚୁରା ପାଇ ବୁଲୁଙ୍କୁ ମଙ୍ଗଳବାର ରିମାଣ୍ଡରେ ଅଣାଯାଇଥିଲା। ବୁଧବାର ରିମାଣ୍ଡ ଶେଷ ହୋଇଛି। ଗୁରୁବାର ତାଙ୍କୁ କୋର୍ଟରେ ହଜାର କରାଯିବ ବୋଲି ଆଇଆଇସି ଜୟଦୀପ ମହାନ୍ତି ସୂଚନା ଦେଇଛନ୍ତି।



ଅଶୋକ ସେନାପତି।

### ଅନାଥ ପରିବାରକୁ ସମବେଦନା ଜଣାଇଲେ ବ୍ଲକ ଅଧ୍ୟକ୍ଷ

**ଆର.ଉଦୟଗିରି,୧୮।୫ (ଡି.ଏନ.ଏ.)**

ମୋହନା ବ୍ଲକ ଶିକୁଳିପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାମପଦର ଗ୍ରାମର ମୃତ ପଞ୍ଚୁ ମଲିକଙ୍କ ପରିବାରକ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ସମବେଦନା ଜଣାଇଛନ୍ତି। ରାମପଦର ଗ୍ରାମର ପଞ୍ଚୁ ମଲିକ ଗତ ତିନି ମାସରୁ ଊର୍ଦ୍ଧ୍ୱ ଆନ୍ଧ୍ରପ୍ରଦେଶର ବିଜୟୱାଡା ନିକଟସ୍ଥ ଆଡୁବାଲୀ ଗ୍ରାମର ଏକ କୁକୁଡ଼ା ଫାର୍ମରେ ଦିନମଜୁରିଆ ହିସାବରେ କାର୍ଯ୍ୟ କରୁଥିଲେ। ସେଠାରେ ତାଙ୍କର କୌଣସି କାରଣରୁ ଦେହାନ୍ତ ହୋଇଥିଲା। ଗତ ୧୬ରେ ପଞ୍ଚୁଙ୍କ ମୃତଦେହ କୁକୁଡ଼ା ଫାର୍ମ ମାଲିକ ନିଜ ଖର୍ଚ୍ଚରେ ଗ୍ରାମରେ ପହଞ୍ଚାଇଥିଲେ। ଗ୍ରାମରେ ପରିବାର ଲୋକ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ମୃତ ପଞ୍ଚୁଙ୍କ ବର୍ତ୍ତମାନ ବିଧବା ପତ୍ନୀଙ୍କ ସହ ଚାରି ଜଣ ନାବାଳକ ପିଲା ଅଛନ୍ତି। ସେଥିମଧ୍ୟରୁ ଝିଅ ତିନିଜଣଙ୍କ ସହ ତିନି ବର୍ଷର ଏକ ପୁଅ ଅଛି। ପରିବାରର ମୁଖ୍ୟ ମୂଳ ଲାଗିଲେ ପରିବାର ଦୁଃଖ କଷ୍ଟେ ଚଳୁଥିଲା। ସେ ଅକାଳରେ ମୃତ୍ୟୁବରଣ କରିବା ପରେ ସେହି ଅନାଥ ପରିବାର ବହୁ ଅସୁବିଧାରେ ଚଳୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ମଧ ଏକ ଛାତ ନାହିଁ। ମଙ୍ଗଳବାର ଏହି ଖବର ପାଇ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ସେହି ଗ୍ରାମକୁ ଗସ୍ତ କରି ବେସାହାରା ହୋଇଥିବା ପରିବାର ସହ ମିଶି ସମବେଦନା ଜଣାଇବା ସହ ସରକାରଙ୍କ ନିୟମ ଅନୁସାରେ ସମସ୍ତ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇ ଫେରିଛନ୍ତି।

# ସପ୍ତମ ବେତନ ପ୍ରଦାନ ଦାବି

**ବ୍ରହ୍ମପୁର ଅଫିସ,୧୮।୫**

ଗଞ୍ଜାମ ଜିଲା ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସପ୍ତମ ବେତନ ପ୍ରଦାନ ଦାବି କରି ବୁଧବାର ଗଞ୍ଜାମ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ଓଡ଼ିଶା ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ ପାଇଁ ନୂତନ ଅନୁଦାନ ନୀତି ୨୦୨୧ ପ୍ରଣୟନ ହୋଇଥିବା ସତ୍ତ୍ୱେ ଆଜି ଯାଏ ରାଜ୍ୟ ସରକାର ଶିକ୍ଷକ କର୍ମଚାରୀଙ୍କୁ ଚଞ୍ଚକତା ପୂର୍ବକ ଅନୁଦାନ ନୀତିକୁ ବାଟବଣା କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଗତ ୧୩ ତାରିଖରେ ଯେଉଁ ପଦ୍ଧତି ନିର୍ଦ୍ଧାରଣ କଲେ ତାହା ରାଜ୍ୟର ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀଙ୍କୁ ହତାଶ କରିଥିବା ସଂଘ ଅଭିଯୋଗ କରିଛି। ଏହି ମୋଡାଲିଟି ବିରୋଧରେ ରାଜ୍ୟ ମିଳିତ ମଞ୍ଚର ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ବୁଧବାର ଜିଲା ଶିକ୍ଷାଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ସପ୍ତମ ବେତନ କମିଶନ ସୁପାରିସ ଅନୁଯାୟୀ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ତୁରନ୍ତ ଅବିକଳ ବେତନ ପ୍ରଦାନ ନ କଲେ ଆଗାମୀ ଦିନରେ ରାଜ୍ୟ ଓ ଜିଲାସ୍ତରରେ କଲମ ଛାଡ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ବିଜୟ କୁମାର ବେହେରା, ମିଳିତ ମଞ୍ଚ ଆବାହକ ଲିଙ୍ଗରାଜ ସ୍ୱାଇଁ, ପ୍ରଶାନ୍ତ ପତି, ପୂର୍ଣ୍ଣ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ପରେ ରାସ୍ତାପାର୍ଶ୍ୱ ବୃକ୍ଷ ଉପରେ ମାଫିଆଙ୍କ ନଜର

**ଓଡ଼ଗାଁ,୧୮।୫(ସ୍ୱ.ପ୍ର.)**

ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସଂରକ୍ଷଣ ଜଙ୍ଗଲ କାଠ ମାଫିଆ ସଫା କରିବା ପରେ ଏବେ ରାସ୍ତା ପାର୍ଶ୍ୱ ବୃକ୍ଷ ଉପରେ ସେମାନଙ୍କ ନଜର ପଡିଛି। ମାଫିଆମାନେ ଅଭିନବ ଉପାୟରେ ଗଛ କାଟୁଥିବା ବେଳେ ବନ ବିଭାଗ ସବୁ ଜାଣି ନୀରବ ରହୁଥିବାରୁ ଲୋକେ ଚିନ୍ତା ବ୍ୟକ୍ତ କରିଛନ୍ତି। ଏପରି ଏକ ଘଟଣା କୁରାଳ –ପାଣ୍ଡେରୀପଡା ପ୍ରଧାନମନ୍ତ୍ରୀ ସଡ଼କରେ ଦେଖିବାକୁ ମିଳିଛି। ପ୍ରାୟ ୧୦ ବର୍ଷ ପୂର୍ବେ ଏହି ରାସ୍ତାରେ ଆଭିମନ୍ୟୁ ବୃକ୍ଷରୋପଣ ପ୍ରକଳ୍ପ ଜରିଆରେ ରାସ୍ତା ପାର୍ଶ୍ୱରେ ହଜାରେରୁ ଊର୍ଦ୍ଧ୍ୱ ଚାକୁଣ୍ଡା ଗଛ ଲଗାଯାଇଥିଲା। ହେଲେ ମାତ୍ର ଦୁଇ ମାସରେ ଏହି ରାସ୍ତାରେ ଶତାଧିକ ଗଛକୁ ମାଫିଆ ସଫା କରି ନେଇ ସାରିଲେଣି। ଏଥିପାଇଁ ସେମାନେ ଗଛ ଗଣ୍ଡିର ଚାରି ପାର୍ଶ୍ୱରୁ ବକଳା (ଛେଲି ) ଛଡାଇ ଦେଉଛନ୍ତି। ଫଳରେ ଅଳ୍ପ ଦିନରେ ଜିଅନ୍ତା ଗଛ ଶୁଖିଲା ପରେ ଦୁର୍ବୃତ୍ତମାନେ ଅନାୟାସରେ ଦିନ ଦ୍ୱିପ୍ରହରରେ ଗଛକାଟି ନେଉଥିବା ଆଲୋଚନା ହେଉଛି। ଗ୍ରାମବାସୀ ସବୁ ଦେଖି ନୀରବଦ୍ରଷ୍ଟା ସାଜିବାକୁ ବାଧ ହେଉଥିବା ପ୍ରକାଶ କରିଛନ୍ତି। ଏ ନେଇ ପରିବେଶପ୍ରେମୀ ସୁକାନ୍ତ କୁମାର ଚୌଧୁରୀ ଚିନ୍ତା ପ୍ରକଟ କରିବା ସହ ବିଭାଗୀୟ ବନପାଳଙ୍କୁ ଅବଗତ କରିଛନ୍ତି। ହେଲେ ଏସବୁର ସୁରକ୍ଷା ପାଇଁ ସେମାନେ ଆଦୌ ଆଗ୍ରହୀ ନ ଥିବା ଜଣାଯାଇଛି। ବେଳ ଥାଉ ଥାଉ ଏହି ଭଳିଆ ଜିଅନ୍ତା ଗଛର ସୁରକ୍ଷା ଅର୍ନିବାର୍ଯ୍ୟ ବୋଲି ସାଧାରଣରେ ଦାବି ହେଉଛି।



ରାସ୍ତାକଡ ଗଛରୁ ବକଳ ଛଡା ଯାଇଛି।

# ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ

**ଦଶପଲ୍ଲା,୧୮।୫ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ତେଣ୍ଡାବାଡି ପଞ୍ଚାୟତର କୁସୁମଗାଡିଆ ଏକ ଆଦିବାସୀ ବହୁଳ ଜଙ୍ଗଲ ଘେରା ଅବହେଳିତ ଗାଁ। ଏହି ଗାଁରେ ଦଳିତ ଓ ଆଦିବାସୀ ଉଭୟ ୫୦ ପରିବାର ବସବାସ କରି ଆସୁଛନ୍ତି। ଗାଁରେ ପୋଖରୀ ଆଡିବନ୍ଧ କେନାଲ ଇତ୍ୟାଦି କିଛି ବି ନାହିଁ। ଗୋଟିଏ ମାତ୍ର ନଳକୂଅ ଉପରେ ପାନୀୟ ଜଳ ପାଇଁ ଗ୍ରାମବାସୀ ନିର୍ଭର କରନ୍ତି। କିନ୍ତୁ ଏହି ପାଣିରେ ଫ୍ଲୋରାଇଡ୍ ଯୁକ୍ତ ହୋଇଥିବା ଯୋଗୁ ବ୍ୟବହାର କରି ଅନେକ ଲୋକ କିଡ଼ନୀ ରୋଗରେ ଆକ୍ରାନ୍ତ ହେଲେଣି। କିନ୍ତୁ ଏପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଗାଁ ଗାଁରେ କର୍ମନିଯୁକ୍ତି, ଚାଷୀ ଓ ଚାଷ ପାଇଁ ଜଳସେଚନ ଓ ସ୍ୱଚ୍ଛ ପାନୀୟ ଜଳ ତଥା ପରିମଳର କୌଣସି ସୁବିଧା ନାହିଁ। ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ଲୋକ ସଙ୍ଗଠନ ମାଟି ମା' ମହିଳା ମୋର୍ଚ୍ଚାର ସଦସ୍ୟ ଭାଗବତ ଜାନୀଙ୍କ ନେତୃତ୍ୱରେ ମୌଳିକ ସମସ୍ୟାଗୁଡିକର ଆସୁ ସମାଧାନ ପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି।



ପାନୀୟ ଜଳ ଦାବିରେ କୁସୁମଗାଡିଆବାସୀ।

# ମୁଣ୍ଡ ରାମଲୀଳା ମରୁ ମରୁ ବଞ୍ଚିଛି

**ନୟାଗଡ଼ ଅଫିସ,୧୮।୫**

ପାଞ୍ଚଶହ ବର୍ଷର ଲୋକକଳା, ଧର୍ମ ଓ ପରମ୍ପରାରର ପ୍ରତୀକ ମୁଣ୍ଡ ରାମଲୀଳା। ଏହି ଲୋକକଳା ମରୁ ମରୁ ବଞ୍ଚି ରହିଛି। ଅକ୍ଷୟତୃତୀୟଠାରୁ ଆରମ୍ଭ ହୋଇଥିବା ଏହି ରାମଲୀଳା ଶୁକ୍ରବାର ଶେଷ ହେବ। ଅକ୍ଷୟତୃତୀୟାଠାରୁ ଶୁଭ ଖୁଣ୍ଟି ପକାଇ ମୁଣ୍ଡ ରାମଲୀଳାକୁ ସ୍ଥାନୀୟ କଳାକାରମାନେ ପ୍ରଦର୍ଶନ କରିଥାନ୍ତି। ଆରଣ୍ୟକ କାଣ୍ଡଠାରୁ ଆରମ୍ଭ ହୋଇ ପ୍ରତିଦିନ ବିଭିନ୍ନ ଆଖ୍ୟାନ ଓ ଉପାଖ୍ୟାନକୁ ନେଇ ସୁସଜ୍ଜିତ ମଞ୍ଚରେ ରାମାଭିଷେକ ପର୍ଯ୍ୟନ୍ତ ନାଟକ ମଞ୍ଚସ୍ଥ ହୋଇଥାଏ। ଏହି ନାଟକର ବିଶେଷତ୍ୱ ହେଲା ରାମ, ଲକ୍ଷ୍ମଣ ଓ ସୀତା ଚରିତ୍ରକୁ ଛାଡି ରାମାୟଣର ଆଉ ସମସ୍ତ ଚରିତ୍ର କାଠ ନିର୍ମିତ ମୁଣ୍ଡର ମୁଖା ଲଗାଇ ମଞ୍ଚରେ ଅଭିନୟ କରନ୍ତି। ବିଭିନ୍ନ ଚରିତ୍ରର ମୁଣ୍ଡକୁ ପୂର୍ବରୁ ରାମଥଳି ମନ୍ଦିରରେ ରଖି ପ୍ରତିଦିନ ପୂଜା କରାଯାଏ। ବର୍ଷକେ ଥରେ ଏହି ମୁଣ୍ଡକୁ ଲଗାଇ ବିଭିନ୍ନ ଚରିତ୍ରରେ ସ୍ଥାନୀୟ କଳାକାରମାନେ ଅଭିନୟ କରିଥାନ୍ତି । ବିକ୍ରମ ଭଣତି ଏହି ମୁଣ୍ଡ ରାମଲୀଳାର ନିର୍ଦ୍ଦେଶକ, ସୀତାକାନ୍ତ ମହାପାତ୍ର ଓ ଗାୟକ ରାଜକିଶୋର ମହାପାତ୍ର ମୁଖ୍ୟ ଭୂମିକା ନିଭାଇଥାଆନ୍ତି। ଅନ୍ୟପକ୍ଷେ



ମଞ୍ଚରେ ମଣ୍ଡ ରାମଲୀଳାର କଳାକାରମାନେ।

## ୫ ଶହ ବର୍ଷର ଲୋକକଳା

ରାମଲୀଳା କମିଟି ସମ୍ପାଦକ ଦୀପକ କୁମାର ସାହୁ, ମୁଖ୍ୟ ସଦସ୍ୟ ନବକିଶୋର ନାୟକ ଓ ଜଗବନ୍ଧୁ ସାହୁ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥାନ୍ତି। ପ୍ରତିଦିନ କଳାକାର, କମିଟି ସଦସ୍ୟ ଓ ଅନ୍ୟ ପ୍ରାୟ ୨୦୦ ଜଣଙ୍କ ପାଇଁ ଘୃତାର୍ଣ୍ଣ ଓ ଡାଲମା ପ୍ରସାଦ ରନ୍ଧନ କରାଯାଇ ସେବନର ବ୍ୟବସ୍ଥା କରାଯାଇଥାଏ। ପ୍ରତିଦିନ ଏହି ରାମଲୀଳା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶହ ଶହ ଦର୍ଶକ ଉପସ୍ଥିତ ହୋଇ ନାଟକକୁ ଉପଭୋଗ କରିଥାନ୍ତି। କ୍ରମଶଃ ବିଲୁପ୍ତ ହେବାକୁ ଯାଉଥିବା ଏହା ଲୋକକଳାକୁ କିଛି ସରକାରୀ ପ୍ରୋତ୍ସାହନ ମିଳିଲେ ଏହାର ପୁନରୁଦ୍ଧାର ସହିତ ଆକର୍ଷଣୀୟ ହୋଇପାରିବ ବୋଲି ସାଧାରଣରେ ଦାବି ହେଉଛି।

# ବାଟ ହୁଡ଼ିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍

■ ଅଧିକାରୀଙ୍କ ଜାଣତରେ ହେଉଛି ଫଲ୍‌ସ ବିଲ୍
■ ଲୁଚାଛପା ନୁହେଁ, ଖୁଲମ୍‌ଖୁଲା କାମ କରୁଛି ଯନ୍ତ୍ର
■ ଜବ୍‌କାର୍ଡଧାରୀଙ୍କ ନାଁରେ ଚାଲିଛି ରୋଜଗାର
■ ଯୋଜନାର ରୂପରେଖ ବଦଳିବା ଦରକାର

ନୟାଗଡ଼ ଅଫିସ,୧୮।୫




ଜେସିବି ସାହାର୍ଯ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ବିଭିନ୍ନ ସ୍ଥାନରେ କରାଯାଉଥିବାର ଦୃଶ୍ୟ।

ନୟାଗଡ଼ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ବାଟ ହୁଡ଼ିଛି। ବାବୁ ଜାଣି ଯନ୍ତ୍ର କାମ କରୁଥିବାବେଳେ ଫଲ୍‌ସ ବିଲ୍ ବି ହେଉଥିବା ପ୍ରମାଣ ମିଳିଛି, ଯାହାର ନଜିର ଭାପୁର ବ୍ଲକର ଖଇରିଗାଡିଆ ପୋଖରୀ ଓ ରାସ୍ତା, ଶାସନ ପଞ୍ଚାୟତରେ ଖଇରନାଳ ଭିତରେ ପୋଖରୀ, ଗୋଟିଏ ରାସ୍ତାକୁ ୨୨ଥର ବିଲ୍, ବାଉଁଶବାଟି ଗାଁରେ ସୁରକ୍ଷା ପ୍ରାଚୀର ଓ ରାସ୍ତା କରିବା ଭଳି ଅନେକ ଦୁର୍ନୀତି। ତେବେ କାର୍ଯ୍ୟାନୁଷ୍ଠାନର ଭୟ ନ ଥିବାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଏବେ ଅବାଧରେ ଚାଲିଛି। ଜିଲାର ଖଣ୍ଡପଡ଼ା ବ୍ଲକର କିଆଝର, ଓଡ଼ଗାଁର ଗୋଡିସାହି, ନୟାଗଡ଼ର ଷଠିଆପଲ୍ଲୀ ପରି ବିଭିନ୍ନ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯନ୍ତ୍ର କାମ କରୁଛି ବୋଲି ଅଭିଯୋଗ ହୋଇଆସୁଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସ୍ଥିତିକୁ ଅନୁଧ୍ୟାନ କଲେ ଯୋଜନାର ରୂପରେଖ ବଦଳିବା ଦରକାର ବୋଲି ଦାବି ଉଠିଲାଣି। ଏ ନେଇ ଆଇନଜୀବୀ ରଣଜିତ୍ ଦାଶ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯନ୍ତ୍ର କାମ କରୁଛି ବୋଲି ସମସ୍ତେ ଜାଣିଛନ୍ତି। ତେବେ ଭଲ ରୋଜଗାର ଚାଲିଥିବାରୁ ପ୍ରତିବାଦର ସ୍ୱର ନରମି ଯାଉଛି। ଯେଉଁମାନେ ପ୍ରତିବାଦ, ଅଭିଯୋଗ, ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ମାଡ଼ମାରି, ଧମକଚମକ ଦେଇ ବନ୍ଦ କରାଯାଉଛି। ତଥାପି କେତେଜଣ ଲୋକ ଅଭିଯୋଗ କରୁଥିଲେ ହେଁ ବାବୁ ଓ ନେତା ଜାଣି ଦୁର୍ନୀତି ହେଉଥିବାରୁ ପ୍ରମାଣ ଅଭାବରୁ କାର୍ଯ୍ୟାନୁଷ୍ଠାନ ହୋଇପାରୁନି ବୋଲି କୁହାଯାଉଛି। ଭାପୁର ବ୍ଲକରେ କେତେଜଣ କର୍ମଚାରୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଘୋଟାଲା କରି ଫସିଛନ୍ତି। ହେଲେ ସେମାନଙ୍କର କିଛି ଅସୁବିଧା ହେବନି। ଏହି କାମରେ ଏକ ର୍‍ୟାକେଟ କାମ କରୁଛି। ଏଣୁ ଯୋଜନାର ରୂପରେଖ ବଦଳିବା ଦରକାର ବୋଲି କହିଛନ୍ତି। ରଣପୁରର ସୁଦାମ ନାୟକ କୁହନ୍ତି, ମହତ୍ ଉଦ୍ଦେଶ୍ୟ ରଖି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ହୋଇଥିଲା। ହେଲେ ଏହା କେତେଜଣ ରାଜନେତା, ସରକାରୀ କର୍ମଚାରୀ, ଅଧିକାରୀ ଓ ଟାଉଟରଙ୍କ ନିମନ୍ତେ ରୋଜଗାର ପାଲଟିଛି। ପ୍ରକୃତ ଜବ୍‌କାର୍ଡଧାରୀ ଉପକୃତ ହେଉନାହାନ୍ତି। ଧରାଧରି କରି ବା ଚାପରେ ଯେଉଁମାନେ ଜବ୍‌କାର୍ଡ ହାତେଇ ନେଇଛନ୍ତି ସେମାନେ ଘରେ ବସି ଭଲ ରୋଜଗାର କରୁଛନ୍ତି। ଯୋଜନାର ତ୍ରୁଟି ଜଣାପଡ଼ି ସାରିଥିବାରୁ ଏହାକୁ ନବକଳେବର କରାଯାଇ ଜବ୍‌କାର୍ଡଧାରୀ ଯେପରି ଉପକୃତ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଦରକାର। ନୂଆଗାଁର ସବିତା ପ୍ରଧାନ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗାଁ ଗାଁରେ କାମ ଚାଲିଛି। ତେବେ ଗାଁର ଶ୍ରମିକ କାମ ନ ପାଇ କାହିଁକି ଦାଦନ ଯାଉଛନ୍ତି। ଏହାର ସମୀକ୍ଷା କରାଯାଉନି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତିରେ ତଳୁ ଉପରସ୍ତର ପର୍ଯ୍ୟନ୍ତ ସାମିଲ ଥିବାରୁ ଏହା ଲୁଟିବା ଯୋଜନା ହୋଇଯାଇଛି। ଦଶପଲ୍ଲାର ହୀନ ସ୍ୱାଇଁ, ଗଣିଆର ବାମଦେବ ସାହୁ, ଓଡ଼ଗାଁର ସୁଚିତ୍ରା ଦଳେଇ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଗୁ ଗାଁ ଓ ସହରରେ ଜେସିବି, ଟ୍ରାକ୍ଟର ସଂଖ୍ୟା ବଢ଼ି ଚାଲିଛି। ରାଜନୀତିରେ ଆଉ ଭଲ ଲୋକଙ୍କର ସ୍ଥାନ ରହୁନି। ଜଣେ ସରପଞ୍ଚ ନାଁ ଗୋପନ ରଖି କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି ଯୋଜନା ରାଜନୈତିକ ଦଳ ପାଇଁ ଦରକାର। ବର୍ଷତମାମ୍ ଲାଭ ମିଳିବ। ହେଲେ କାର୍ଯ୍ୟାନୁଷ୍ଠାନ ହେଲାବେଳକୁ ନାଁ ନ ଥିବ। ସରକାରୀ କର୍ମଚାରୀ ଦଣ୍ଡିତ ହେଉଥିଲେ ଭାପୁର ବ୍ଲକରେ ଏପରି କିଛି ଘଟଣା ଦେଖିବାକୁ ମିଳିଛି। ତେବେ ଯୋଜନାରେ ଜବ୍‌କାର୍ଡଧାରୀ ଲାଭ ପାଉ ନ ଥିବା ସମସ୍ତେ ଜାଣିଥିଲେ ହେଁ କେହି କିଛି କହିବେନି। ଏହି ଯୋଜନା ଶାସକ ଓ ବିପକ୍ଷ ଦଳର ମୁହଁରେ ତାଲା ଝୁଲାଇଛି। କାରଣ ଭାଗବଣ୍ଟାରେ ଚାଲିଛି ସରକାରୀ ଅନୁଦାନ ଖର୍ଚ୍ଚ। ଏଣୁ ଅଭିଯୋଗର ସୁଫଳ ଆଶା କରିବା ନିରର୍ଥକ ବୋଲି କହିଛନ୍ତି। ପିଡି ଡିଆର୍‌ଡିଏ ସୁବାସ ଚନ୍ଦ୍ର ରାୟଙ୍କୁ ପଚାରିବାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯେତେବେଳେ ଯେଉଁ ଅଭିଯୋଗ ଆସିଛି ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

## କଣ୍ଟିଲୋରେ ବେଦ ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

ଖଣ୍ଡପଡ଼ା,୧୮।୫(ସ୍ୱ.ପ୍ର)

ବିଶ୍ୱବିଖ୍ୟାତ ସିଦ୍ଧାନ୍ତ ଦର୍ପଣର ରଚୟିତା ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ା ଅଞ୍ଚଳରେ ଶିକ୍ଷାର ପ୍ରସାର ନିମନ୍ତେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସହ କଣ୍ଟିଲୋଠାରେ ଏକ ବେଦ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଖଣ୍ଡପଡ଼ା ବିକାଶ ମଞ୍ଚର ସଦସ୍ୟମାନେ ଦାବି କରିଛନ୍ତି। ଖଣ୍ଡପଡ଼ା ବିକାଶ ମଞ୍ଚର ଆବାହକ ଅଭିଳାଷ ପଣ୍ଡା ଓ ସଦସ୍ୟମାନେ କେନ୍ଦ୍ର ଶିକ୍ଷା ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ଭୁବନେଶ୍ୱରଠାରେ ଭେଟି ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ସେହିପରି ଜିଲାର ଦ୍ୱିତୀୟ ପୁରାତନ ଡିଗ୍ରୀ ମହାବିଦ୍ୟାଳୟ ଭାବେ ପରିଚିତ ନୀଳମାଧବ ମହାବିଦ୍ୟାଳୟକୁ ଆଜିପର୍ଯ୍ୟନ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ମିଳିନାହିଁ। ଏଥିସହ କଂସା ପିତ୍ତଳ କାରିଗର, ମୂର୍ତ୍ତି କାରିଗର ଓ ଅନ୍ୟାନ୍ୟ ପାରମ୍ପରିକ କାରିଗରି କଳାକୌଶଳ ପାଇଁ ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିଥିବା ଖଣ୍ଡପଡ଼ା ବ୍ଲକର ଖଳିସାହି କିମ୍ବା ଭାପୁରଠାରେ ଏକ କୌଶଳ ବିକାଶ ଅନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ସରକାର ଦୃଷ୍ଟି ଦେବାକୁ ମଞ୍ଚର ସଦସ୍ୟମାନେ ଦାବି କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୮୬ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି,୧୮।୫(ଡି.ଏନ.ଏ.)- ଏସ୍‌ଡିପିଓ ଦିଲୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆର. ଉଦୟଗିରି ଥାନା ଏସ୍‌ଆଇ ମୁକେଶ ଲାକ୍ରା, ଏସ୍‌ଆଇ ଏ.କେ. ମିଶ୍ର ଓ ତାଙ୍କ ଟିମ ମହେନ୍ଦ୍ରଗଡ଼, ଛେଳିଗଡ଼ ଅଞ୍ଚଳରେ ମଙ୍ଗଳବାର ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌ରୁ ୮୬ କିଲୋ ଗଞ୍ଜେଇ ଜବତ କରିଛନ୍ତି। ମକାପଦା ଛକ ନିକଟରେ ଥିବା ଘୁଙ୍ଗିମନ୍ଦିର ନିକଟରେ କାର୍ ନମ୍ବରପ୍ଲେଟ ନ ଥିବା ଦେଖି ଅଟକାଇ ଯାଞ୍ଚ କରିବା ବେଳେ ତିନୋଟି ପ୍ଲାଷ୍ଟିକ ଅଖାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ଗଞ୍ଜେଇକୁ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଓଜନ କରାଯାଇ ଏଥିରେ ସମ୍ପୃକ୍ତ ଥିବା ନୂତନଗଡ଼ ଗ୍ରାମର ନୂତନ ପାଣି (୩୨)ଙ୍କୁ ଗିରଫ କରାଯାଇଛି। ଏ ନେଇ ଆର.ଉଦୟଗିରି ଥାନା ନଂ. ୬୬/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର

ଭଞ୍ଜନଗର,୧୮।୫(ଡି.ଏନ.ଏ)-ଭଞ୍ଜନଗର ଥାନା ଅନ୍ତର୍ଗତ ଖାରୀଗୁଡାଠାରେ ନିର୍ମାଣାଧୀନ ଟୋଲ ଗେଟଠାରେ ବୁଧବାର ଅପରାହ୍ନରେ ବାଇକ ଦୁର୍ଘଟଣାରେ ଜଣେ ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ମଳାସପଦର ଗ୍ରାମର। ତାଙ୍କୁ ବିପଦର ବନ୍ଧୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ସେହିପରି ବୁଧବାର ଗଞ୍ଜାମ-କନ୍ଧମାଳ ଜିଲ୍ଲା ସୀମାନ୍ତ କଳିଙ୍ଗା ଘାଟିରେ ଏକ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

ଗୋପାଳପୁର,୧୮।୫(ଡି.ଏନ.ଏ.)- ଗୋଳନ୍ଥରା ଥାନା ଅଧୀନ ରଣ୍ଡା ଗ୍ରାମ ନିକଟରେ ମଙ୍ଗଳବାର ଅଜଣା ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୋଚାପଡା ଅଞ୍ଚଳର ଗୋପାଳକୃଷ୍ଣ ପାଢ଼ୀ (୨୬)। ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲୋଚାପଡା ଅଞ୍ଚଳର ଗୋପାଳକୃଷ୍ଣ ପାଢ଼ୀ ବାଇକ ଯୋଗେ ପାତ୍ରପୁର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବୁ ଦିନ କାର୍ଯ୍ୟରେ ଆସନ୍ତି। ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ ସାରି ବାଇକ ଯୋଗେ ଗୋପାଳକୃଷ୍ଣ ଘରକୁ ଆସୁଥିବା ବେଳେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମ ନିକଟରେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ରାସ୍ତାରେ ପଡି ଗୋପାଳକୃଷ୍ଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ହରିକୃଷ୍ଣ ପାଢ଼ୀଙ୍କ ଅଭିଯୋଗ କ୍ରମେ ନଂ. ୧୬୧/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### କାଶୀନଗରରେ ଠାକୁରାଣୀ ପର୍ବ

କାଶୀନଗର,୧୮।୫-କରୋନା ଯୋଗୁ ଗତ ଦୁଇବର୍ଷ ଧରି କୌଣସି ପର୍ବ ଅନୁଷ୍ଠିତ ହୋଇପାରି ନ ଥିଲା। ବର୍ତ୍ତମାନ ପର୍ବ କରିବା କଟକଣା ନ ଥିବାରୁ କାଶୀନଗରର ବିଭିନ୍ନ ଗ୍ରାମ କିଡ଼ିଗାଁ, ବାଡ଼ିଗାଁ, ଖାଡ଼ା, ହାଡ୍ଡୁଭାଙ୍ଗି, କାଶୀନଗରସ୍ଥିତ ଠାକୁରାଣୀ ମନ୍ଦିରଗୁଡ଼ିକରେ ମହାସମାରୋହରେ ଠାକୁରାଣୀ ପର୍ବ ପାଳିତ ହେଉଛି।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସମ୍ପର୍କୀୟଙ୍କୁ ଆକ୍ରମଣ ଅଭିଯୋଗ

ଖଣ୍ଡପଡା,୧୮।୫(ସ୍ୱ.ପ୍ର)

ଖଣ୍ଡପଡ଼ଶ ଥାନା ଅଞ୍ଚଳରେ ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ତ୍ରୀଙ୍କ ପାଇଁ ମହଙ୍ଗା ପଡିଛି। ସ୍ୱାମୀ ଓ ସହଯୋଗୀମାନେ ପ୍ରଥମ ସ୍ତ୍ରୀ ରିହାନା ଶେକ୍‌ଙ୍କୁ ଏକ ଘର ମଧ୍ୟରେ କିରୋସିନ ଢାଳି ହତ୍ୟା ଉଦ୍ୟମ ପାଇଁ ଷଡଯନ୍ତ୍ର କରିବା ସହ ତାଙ୍କ ସମ୍ପର୍କୀୟମାନଙ୍କୁ ମାଡମାରି ଲହୁ ଲୁହାଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମରଣାନ୍ତକ ଆକ୍ରମଣରେ ଶବନମ ବେଗମ(୩୫), ବବିତା ବାରିକ(୩୦), କାହ୍ନୁ ଚରଣ ବାରିକ(୩୫) ଓ ରିହାନ ଶେକ ଏବେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଖଣ୍ଡପଡା ସହରର ୧୨ ନଂ. ୱାର୍ଡ ଖଳଖଳା ଗ୍ରାମ ନିକଟସ୍ଥ ଏକ ସରକାରୀ ଜାଗାରେ ରିହାନା ଶେକଙ୍କ ସ୍ୱାମୀ ସେକ ଇଦରିଶ ଏକ ସ୍ଥାୟୀ ଗୃହ ନିର୍ମାଣ କରି ସେଠାରେ ୨ୟ ସ୍ତ୍ରୀଙ୍କ ସହ ରହି ଆସୁଥିବା ଅଭିଯୋଗ ହୋଇଛି। ସେକ୍ ଇଦରିଶ ୨ବର୍ଷ ଧରି ପରକୀୟା ପ୍ରୀତିରେ ଲିପ୍ତଥିବା ଓ ପ୍ରଥମ ସ୍ତ୍ରୀଙ୍କୁ ଅଣଦେଖା କରି ଆସୁଥିଲେ। ପ୍ରଥମ ସ୍ତ୍ରୀ ସମ୍ପର୍କୀୟଙ୍କୁ ନେଇ ସ୍ୱାମୀଙ୍କୁ ଭେଟିବାକୁ ସେଠାକୁ ଯାଇଥିବା ବେଳେ ଏଭଳି ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡିଛି। ପ୍ରଥମ ସ୍ତ୍ରୀଙ୍କୁ ମାଡମାରି ଘରେ ମଧ୍ୟ କିରାସିନ ଢାଳିବା ବେଳେ ସେ ଜୀବନ ବିକଳରେ ପାଟି କରିଥିଲେ। ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।




ଆହତ ବ୍ୟକ୍ତିମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

## ନଳକୂପରୁ ବାହାରୁଛି କମ୍ ପାଣି, ବାଲି ଅଧିକ



ନଳକୂଅ ନିକଟରେ ପାଣି ନେବାକୁ ଲୋକଙ୍କ ଗହଳି।

ନୟାଗଡ଼ ଅଫିସ,୧୮।୫

■ ୩୦ ପରିବାର ପାଇଁ ଗୋଟିଏ ନଳକୂପ
■ ୩ ମାସ ହେଲା ଶୁଭ ପରେ ବି ନୂଆ ଖୋଳା ଯାଉନି

ନୟାଗଡ଼ ବ୍ଲକ ନଛିପୁର ପଞ୍ଚାୟତର ଗମ୍ଭାରିଖୋଲ ଗାଁରେ ଏକମାତ୍ର ନଳକୂପ ରହିଛି। ଏହି ନଳକୂପରୁ ପାଣି କମ୍ ବାହାରୁଥିବାବେଳେ ଅଧିକ ବାଲି ବାହାରୁଛି। ଯେଉଁ ପାଣି ବାହାରୁଛି ତାହା ପାନୀୟ ଉପଯୋଗୀ ନୁହେଁ। ଗୀଷ୍ମଋତୁରେ ଗମ୍ଭାରିଖୋଲରେ ଜଳକଷ୍ଟ ଉତ୍କଟ ରୂପ ଧାରଣ କରିଛି। ଏଠାରେ ୩୦ ପରିବାରରେ ୨୫୦ ଲୋକ ବାସ କରନ୍ତି। ତେବେ ପାନୀୟ ଜଳ ପାଇଁ ଅନ୍ୟ କିଛି ବିକଳ୍ପ ନାହିଁ। ଏଠାରେ ଆଉ ଏକ ନଳକୂପ ଖନନ ପାଇଁ ୩ ମାସ ତଳେ ଶୁଭ ଦିଆଯାଇଥିଲା। ନୟାଗଡ଼ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ନଳକୂପ ଖନନ ପାଇଁ। ହେଲେ ଗାଁ ଲୋକଙ୍କ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଉନି। ଏଣୁ ଗମ୍ଭାରିଖୋଲ ଗାଁରେ ପାଣି ପାଇଁ ବିବାଦ, ପାଟିତୁଣ୍ଡ ବିଭିନ୍ନ ସମୟରେ ହେଉଛି। ବୁଧବାର ଗାଁରେ ଏକ ଭୋଜି ହେଉଛି। ଗାଁ ନଳକୂପରୁ ପାଣି ବାହାରୁ ନ ଥିବାରୁ ପାଣି କିଣିଆଣି ଭୋଜି କରାଯାଇଥିବା ଜଣାପଡ଼ିଛି।



ନଳକୂଅରୁ ବାହାରୁଥିବା ପାଣିରେ ବାଲି।

### ଚୋରା ମଦ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୧୮।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରରେ ଅବକାରୀ ସଦର ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ସ୍ଥାନୀୟ ଖଞ୍ଜାମାଦିକା ସାହି ନିକଟରେ ଜଣେ ମହିଳାଙ୍କୁ ସନ୍ଦେହରେ ପଚରାଉଚରା କରିବା ସହ ସେ ଧରିଥିବା ଏକ ଜରି ଅଖାବ୍ୟାଗକୁ ଯାଞ୍ଚ କରିଥିଲେ। ସେଥିରେ ୧୯ଲିଟର ପରିମାଣର ଚୋରା ଦେଶୀ ରନ୍ଧା ମଦ ପାଉଚ ଗୁଡ଼ିକ ଥିବାର ଦେଖି ମହିଳା ଗିରଫ କରାଯାଇଛି। ସେହିପରି ସହର ଉପକଣ୍ଠସ୍ଥ ତୁଳସୀପାଡୁ ଗ୍ରାମ ନିକଟରେ ଚଢଉ କରାଯାଇ ୮୬୦ଲିଟର ମହୂଲ ପୋଚକୁ ଜବତ କରି ନଷ୍ଟ କରାଯାଇଥିବାବେଳେ ୪୦ଲିଟର ଚୋରା ଦେଶୀ ରନ୍ଧା ମଦକୁ ଜବତ କରାଯାଇଛି। ଏହି ପାଟ୍ରୋଲିଂ ଦଳରେ ସଦର ଅବକାରୀ ଥାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

### ଯୁବକ ମୃତ ଘଟଣାରେ ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,୧୮।୫(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଝରପଲି ଗ୍ରାମରେ ମେ ୬ରେ ଶଙ୍କର ପ୍ରଧାନ ଓ କୃଷ୍ଣ ପ୍ରଧାନଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ଶଙ୍କର ପ୍ରଧାନ ଉତ୍‌କ୍ଷିପ୍ତ ହୋଇ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଫଳରେ କୃଷ୍ଣଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପ୍ରଥମେ ଆହତଙ୍କୁ ଖଲ୍ଲିକୋଟ ପରେ ବ୍ରହ୍ମପୁର ଏବଂ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣଙ୍କ ମୃତ୍ୟୁ ହୋଇଛି। ଏନେଇ କୃଷ୍ଣଙ୍କ ମା' ମୋଟିଆଲି ପ୍ରଧାନ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ।

## ଋଣ ପରିଶୋଧ କଲେ ଲାଭରେ ରହିବେ ଚାଷୀ



କର୍ମଶାଳାରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାର ଓ ଅନ୍ୟମାନେ।

ନୟାଗଡ଼ ଅଫିସ,୧୮।୫

### ବଳରାମ ଯୋଜନାର କାର୍ଯ୍ୟକାରିତା ଉପରେ କର୍ମଶାଳା

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଭୂମିହୀନ, ନାମମାତ୍ର ଏବଂ କ୍ଷୁଦ୍ର ଚାଷୀମାନଙ୍କ ମିଳିତ ଚାଷ ନିମନ୍ତେ ଉଦ୍ଦିଷ୍ଟ ବଳରାମ ଯୋଜନାର କାର୍ଯ୍ୟକାରିତା ଉପରେ ବୁଧବାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପୋମା ଟୁଡୁ ଅଧକ୍ଷତା କରିଥିଲେ। ଉକ୍ତ କର୍ମଶାଳାରେ ବଳରାମ ଯୋଜନାରେ ସର୍ବନିମ୍ନ ୪ଜଣରୁ ସର୍ବାଧିକ ୧୦ଜଣ ଭୂମିହୀନ ଭାଗଚାଷୀ ମିଳିତ ଭାବେ ବ୍ୟାଙ୍କରୁ ୫୦ ହଜାରରୁ ୧ଲକ୍ଷ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ (ଚାଷଜମିଅନୁପାତରେ)ବର୍ଷିକୀୟା ଫସଲ ପାଇଁ କୃଷିଋଣ ନେଇପାରିବେ ବୋଲି କୁହାଯାଉଛି। ଋଣ ଠିକ୍ ସମୟରେ ପରିଶୋଧ କଲେ ୫୦ ହଜାରରୁ ଅଧିକ ଋଣ ଉପରେ ୩ ପ୍ରତିଶତ ହାରରେ ସୁଧ ଲାଗିବ। ୫୦ ହଜାର ପର୍ଯ୍ୟନ୍ତ ଋଣ ଉପରେ କୌଣସି ସୁଧ ପଡ଼ିବ ନାହିଁ। ଏଥିରେ ଚାଷୀ ଗୋଷ୍ଠୀ ଗଠନଠାରୁ ଆରମ୍ଭ କରି ଋଣ ପରିଶୋଧ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କୃଷକ ସାଥୀମାନଙ୍କ ସହଯୋଗରେ କରାଯିବ। ଏହି ଆଲୋଚନାର ଚିହ୍ନିନିଖି ତଥ୍ୟ ଲିପିବଦ୍ଧ କରିବା ନିମନ୍ତେ ଜିଲାପାଳ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ଶେଷସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ଉପଜିଲାପାଳ ଲଗ୍ନଜିତ ରାଉତ, ଉପନିର୍ଦ୍ଦେଶକ କୃଷି, ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଜିଲା ଉନ୍ନୟନ ପରିଚାଳକ ନାବାର୍ଡ, ଜିଲା କୃଷି ଅଧିକାରୀ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ବ୍ଲକସ୍ତରୀୟ କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀ, ଜିଲାର ବିଭିନ୍ନ ବ୍ୟାଙ୍କର ମୁଖ୍ୟ, ସମବାୟ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭାପୁର ବଜାରରେ ଜବରଦଖଲ ବଢୁଛି

ଭାପୁର,୧୮।୫ (ଡି.ଏନ.ଏ.)

### ଜବରଦଖଲ ହଟିବ, ରାସ୍ତା ପ୍ରଶସ୍ତୀକରଣ କରାଯିବ: ତହସିଲଦାର

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଭାପୁର ବଜାର ଏକ ଜନଗହଳି ସ୍ଥାନ । ଏହି ବଜାର ନିକଟରେ ରହିଛି ଭାପୁର ଫାଣ୍ଡି, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, କୋର୍ଟ, ବିଦେଶୀ ମଦ ଦୋକାନ, ଏକାଧିକ ବ୍ୟାଙ୍କ ଓ ସ୍କୁଲ କଲେଜ । ଜନସାଧାରଣ ନିଜର ଜିନିଷପତ୍ର କିଣିବା ପାଇଁ ଏହି ବଜାର ଉପରେ ନିର୍ଭର କରିଥାନ୍ତି । ହେଲେ ଦିନକୁ ଦିନ ସେହି ବଜାର ସଙ୍କୁଚିତ ହେବାରେ ଲାଗିଛି । ସ୍ଥାନୀୟ କେତେଜଣ ବ୍ୟବସାୟୀ ନିଜ ଦୋକାନ ସମ୍ମୁଖ ରାସ୍ତାକୁ ଜବରଦଖଲ କରି ବ୍ୟବସାୟ ଚଳାଇଛନ୍ତି । ଏଥିପାଇଁ ରାସ୍ତା ସଙ୍କୁଚିତ ହେବା ସହିତ ଟ୍ରାଫିକ ସମସ୍ୟା ବଢ଼ିଛି। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବଜାର ଦେଇ ପ୍ରତିଦିନ ଶତାଧିକ ଯାନବାହନ ଯାତାୟତ କରିଥାଏ । ଭୁବନେଶ୍ୱରରୁ ଆସୁଥିବା ଫୁଲବାଣୀ, ବଲାଙ୍ଗୀର ଯାତ୍ରୀବାହୀ ବସ ଏହି ବଜାର ଦେଇ ଗନ୍ତବ୍ୟସ୍ଥଳକୁ ଯାଇଥାଏ । ହେଲେ ଜବରଦଖଲ ଯୋଗୁ ଉପରୋକ୍ତ ଯାନବାହାନ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି । ଖାଉଟିମାନେ ବି ଜିନିଷପତ୍ର କିଣିବା ପାଇଁ ନିଜର ବାଇକ୍,ସାଇକେଲକୁ ରାସ୍ତା ଉପରେ ରଖିଥାନ୍ତି । ନିକଟରେ କୌଣସି ପାର୍କିଂସ୍ଥଳ ନ ଥିବାରୁ ରାସ୍ତା ଜାମ୍ ରହୁଥିବା ଅଭିଯୋଗ ହୋଇଛି। ଅଧିକାଂଶ ସମୟରେ ଆମ୍ବୁଲାନ୍ସ, ଦମକଳ ଓ ପୋଲିସ ଗାଡ଼ି ବି ଭିଡ଼ ଯୋଗୁ ଅଟକି ରହୁଥିବା ଦେଖିବାକୁ ମିଳିଛି । ଛାତ୍ରୀଛାତ୍ରମାନେ ବି ସ୍କୁଲ କଲେଜରେ ପହଞ୍ଚିବାରେ ବିଳମ୍ବ ଘଟୁଥିବା କହିଛନ୍ତି। ଭାପୁର ବ୍ଲକ ଅଧୀନ ବାଇଗୁଣିଆ ବଜାରରେ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ହେଲେ ଭାପୁର ବଜାରରେ ଜବରଦଖଲ ଉଚ୍ଛେଦ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ତହସିଲଦାର ତୃପ୍ତି ମହାନ୍ତି କହିଛନ୍ତି, ଖୁବଶୀଘ୍ର ଭାପୁର ବଜାରରୁ ଜବରଦଖଲ ଉଚ୍ଛେଦ କରାଯିବ । ଏହାପରେ ବଜାର ରାସ୍ତା ପ୍ରଶସ୍ତୀକରଣ ହେବ ।



ଜବରଦଖଲ ଯୋଗୁ ରାସ୍ତା ଜାମ ହୋଇଛି।

